## ସଂକ୍ଷେପରେ

### ଗଣେଶ ପୂଜା ପାଳନ ନ ହେବାକୁ ବିରୋଧ
# କଲେଜ ଫାଟକରେ ତାଲା ପକାଇଲେ ଛାତ୍ର

ରୂପସା(ବାଞ୍ଛାନିଧି ଦେ)/ବସ୍ତା(ହରିଶଙ୍କର ପାତ୍ରୀ), ୧୫।୯- ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ଅମର୍ଦାରୋଡ଼ ସ୍ଥିତ ସିଦ୍ଧେଶ୍ୱର ମହାବିଦ୍ୟାଳୟରେ ଶୁକ୍ରବାର ଛାତ୍ର ଅଶାନ୍ତି ଦେଖାଦେଇଛି। ଚଳିତବର୍ଷ ମହାବିଦ୍ୟାଳୟରେ ଗଣେଶ ପୂଜା ପାଳନ ନ ହେବାକୁ କେନ୍ଦ୍ର କରି ଛାତ୍ରୀଛାତ୍ର କଲେଜ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପୋଲିସ ପହଞ୍ଚି ଆନ୍ଦୋଳନରତ ଛାତ୍ରୀଛାତ୍ର ଓ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଆସନ୍ତା ୧୯ ତାରିଖରେ ଗଣେଶ ପୂଜା ଅନୁଷ୍ଠିତ ହେବ। ଚଳିତବର୍ଷ ପୂଜା ପାଳନ ନ ହେବା ନିଷ୍ପତ୍ତିକୁ ବିରୋଧ କରି ପୁନର୍ବିଚାର ଦାବିରେ ଛାତ୍ରୀଛାତ୍ର ମହାବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। କଲେଜ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପରିଡ଼ା ଓ ଅନ୍ୟ ଅଧ୍ୟାପକ ମୁଖ୍ୟ ଫାଟକ ନିକଟକୁ ଯାଇ ବିଭାଗ ମୁଖ୍ୟଙ୍କ ସହ ଆଲୋଚନା କରି ନିଷ୍ପତ୍ତି ଜଣାଇବା ଲାଗି ପିଲାଙ୍କୁ ୧ଘଣ୍ଟା ସମୟ ନେଇଥିଲେ। ପରେ ଏକ ବୈଠକ ଡକାଯାଇ ପ୍ରତ୍ୟେକ ବିଭାଗର ମୁଖ୍ୟଙ୍କ ସହ ଆଲୋଚନା କ୍ରମେ ଛାତ୍ରୀଛାତ୍ରଙ୍କ ସହଯୋଗରେ ପୂଜାକାର୍ଯ୍ୟ ସମ୍ପାଦନ ହେବାର ନିଷ୍ପତ୍ତି ନିଆଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ୧୬୭ ବିଦ୍ୟାଳୟରେ ଝୁଲିଲା ତାଲା

ମୋରଡ଼ା,୧୫।୯(ସ୍ମାରକ ମାଝୀ)- ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ନିଷ୍ପତ୍ତିକ୍ରମେ ମୟୂରଭଞ୍ଜ ଜିଲା ମୋରଡା ବ୍ଲକର ଶିକ୍ଷୟିତ୍ରୀ,ଶିକ୍ଷକମାନେ ସମୂହ ଛୁଟିରେ ରହିଥିବାରୁ ବ୍ଲକର ୧୬୭ଟି ବିଦ୍ୟାଳୟରେ ତାଲା ଝୁଲୁଛି। ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ମୋଟ ୪୮୩ ସଦସ୍ୟା ସଦସ୍ୟା ଶୁକ୍ରବାର ଚିତ୍ରଡାସ୍ଥିତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା।

# ୩ ଖଣି ପୁନଃ ଚଳାଇବାକୁ ଅନୁମତି

ଖଇରା, ୧୫।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡରେ ବିଭିନ୍ନ ପଥର ଖଣି ଦୀର୍ଘଦିନ ଧରି ବନ୍ଦ ରହିବା ପରେ ଏବେ ଖଣି ଓ ଇସ୍ପାତ ବିଭାଗ ଅଧୀନରେ ୩ଟି ଖଣିର ପୁନଃ ଚାଲୁ ପାଇଁ ଧୀରେ ଧୀରେ ବାଟ ପରିଷ୍କାର ହେଉଛି। ପ୍ରଥମ ପର୍ଯ୍ୟାୟରେ ଶାରୀଶୁଆ ବନ୍ଧନଟା ମୌଜାର ୫୧,୭୫ ଓ ୭୭ନମ୍ବର ଖଣିଗୁଡିକ ଚାଲିବାକୁ ଜିଲାପାଳଙ୍କଠାରୁ ଅନୁମତି ମିଳିଛି। ତେବେ ମାନୁଆଲ ଚାଲାଣ ପରିବର୍ତ୍ତେ ଇ-ପାସ୍ ଚାଲାଣ କଟାଯାଇ ଏହି ଲଘୁଜାତ ଖଣିଜ ପଦାର୍ଥ ବିକ୍ରି ପାଇଁ ଖଣି ଓ ଇସ୍ପାତ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯିବା ପରେ ଗୁରୁବାର ବାଲେଶ୍ୱର ଜିଲାରେ ପ୍ରଥମ



ଖଣି ଅଧିକାରିଣୀ ପଥର ପରିବହନ ପାଇଁ ଟ୍ରକ ମାଲିକଙ୍କୁ ଇ-ପାସ୍ ପ୍ରଦାନ କରୁଛନ୍ତି।

### ଇ-ପାସ୍ ମାଧ୍ୟମରେ ପଥର ପରିବହନ କରିବେ ନିଲାମଧାରୀ

କରି ଇ-ପାସ୍ ମାଧ୍ୟମରେ ପଥର ପରିବହନ କରାଯାଇଛି । ବାଲେଶ୍ୱର ଜିଲା ଖଣି ଅଧିକାରିଣୀ ସନ୍ତୋଷୀ ପ୍ରଭା ସେଠୀ ଶୁଭାରମ୍ଭ କରିଥିବା ବେଳେ ଖଣି ନିଲାମଧାରୀ ବିଦ୍ୟାଧର ନାୟକ, ଅମୂଲ୍ୟ ପ୍ରସାଦ ଦାସ, ଅଶେଷ କୁମାର ଜେନା, ଡିଏସ୍ଏ ଭବାନୀ ଶଙ୍କର ମଲିକ ଓ ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ଲଘୁ ଖଣିଜ ସମ୍ପଦର ସୁପରିଚାଳନା ଓ ସ୍ୱଚ୍ଛତା ପାଇଁ ଖଣି ଓ ଇସ୍ପାତ ବିଭାଗ ତରଫରୁ ଏହି ଅନଲାଇନ ପରିବହନ ପ୍ରକ୍ରିୟା ଚାଲୁ କରାଯାଇଥିବା ନେଇ ଖଣି ଅଧିକାରିଣୀ କହିଛନ୍ତି।

# ରୂପାନ୍ତୀକରଣ ସ୍କୁଲକୁ ନେଇ ୫-ଟି ସଚିବଙ୍କ ସମୀକ୍ଷା



ବ୍ଲକ କାର୍ଯ୍ୟାଳୟରେ ଭିଡିଓ କନ୍‌ଫରେନ୍ସରେ ୫-ଟି ସଚିବଙ୍କ ସହ ବାର୍ତ୍ତାଳାପ।

ତିହିଡ଼ି,୧୫।୯ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ୫-ଟି ରୂପାନ୍ତରୀକରଣ ସ୍କୁଲକୁ ନେଇ ଶୁକ୍ରବାର ୫-ଟି ସଚିବ ଭି.କେ. ପାଣ୍ଡିଆନ ଭିଡିଓ କନଫରେନ୍ସ ମାଧ୍ୟମରେ ସମୀକ୍ଷା କରିଛନ୍ତି। ଚତୁର୍ଥ ପର୍ଯ୍ୟାୟରେ ନିର୍ମାଣାଧୀନ ଥିବା ୬ଟି ହାଇସ୍କୁଲର ଛାତ୍ରୀଛାତ୍ର, ପ୍ରଧାନ ଶିକ୍ଷକ, ଆଲୁମିନି, ସରପଞ୍ଚ ଓ ପ୍ରଶାସନିକ ଅଧିକାରୀଙ୍କୁ ନେଇ ବ୍ଲକ କାର୍ଯ୍ୟାଳୟରେ ଭିଡିଓ କନ୍‌ଫରେନ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକର ଶ୍ୟାମସୁନ୍ଦରପୁର ବ୍ୟାସଦେବ ହାଇସ୍କୁଲ, ବିଲଣାର ମନୋରମା ହାଇସ୍କୁଲ, ଦୋଳସାହିର ଭଗବତୀ ହାଇସ୍କୁଲ, ସିନ୍ଦୋଳ ପଞ୍ଚାୟତ ସହଯୋଗ ହାଇସ୍କୁଲ, ଗୁଆମାଳର ଶଶିଶୋଭା ଓ ଗୋବିନ୍ଦପୁରର ଲକ୍ଷ୍ମୀନାରାୟଣ ହାଇସ୍କୁଲ ୫-ଟି ଅନ୍ତର୍ଭୁକ୍ତ ହୋଇଛି। ବିଡିଓ ଜ୍ୟୋତିର୍ମୟ କର, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଏବିଡିଓ ମାନସ କୁମାର ଜେନା, ଉପାଧ୍ୟକ୍ଷା ସୁଭଦ୍ରା ଶତପଥୀ, ଜିଲା ପରିଷଦ ସଭ୍ୟା ବିଦ୍ୟୁତଲତା ନାୟକ, ସରପଞ୍ଚ ପବିତ୍ର ମୋହନ ମଳିକ, ପବିତ୍ରା ବିଶ୍ୱାଳ, ପ୍ରଦୀପ୍ତ କୁମାର ବାରିକ, ସଞ୍ଜୟ ବେହେରା, ପ୍ରକାଶ ପତ୍ରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୧୦୦ ଖଣ୍ଡ ପଟା ସହ, ପିକ୍‌ଅପ୍ ଜବତ

ଚମ୍ପୁଆ,୧୫।୯(ମହେଶ୍ୱର ଦାସ)

ବନବିଭାଗ ଟିମ୍ ଶୁକ୍ରବାର ଚମ୍ପୁଆ ରେଞ୍ଜ କାଳିକାପ୍ରସାଦ ନିକଟରୁ ଚୋରା ପଟା ବୋଝେଇ ପିକ୍‌ଅପ୍ ଜବତ କରିଛି। କେନ୍ଦୁଝର ଡିଏଫଓ ଏଚ.ଡି ହନୁମନ୍ତଙ୍କ ନିର୍ଦ୍ଦେଶ କ୍ରମେ ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରିଆଙ୍କ ନେତୃତ୍ୱରେ ଫରେଷ୍ଟର କାଳନ୍ଦୀ ସାମଲ ଓ ଟିମ୍ (ଓଆର୦୯ଏନ୭୯୫୯) ଟାଟା ପିକ୍‌ଅପ୍ ଗାଡିକୁ ଜବତ କରିଛି। ଗାଡ଼ିରେ ୧୦୦ ଖଣ୍ଡ ସାଗୁଆନ ଓ ଗମ୍ଭାରି ପଟା ଥିଲା। ଯାହାର ଆନୁମାନିକ ମୂଲ୍ୟ ୩୦ ହଜାର ହେବ ବୋଲି ବନ ବିଭାଗ ସୂତ୍ରରୁ ଜଣାଯାଇଛି। ଗାଡ଼ିର ଡ୍ରାଇଭର ବନ ବିଭାଗ ଟିମକୁ ଦେଖି ଗାଡ଼ି ଛାଡି ଚମ୍ପଟ ମାରିଥିବା ସୂଚନା ମିଳିଛି। ଗାଡ଼ିରେ ଗମ୍ଭାରି ପଟା ୮୭ ଖଣ୍ଡ ଓ ସାଗୁଆନ ପଟା ୧୩ ଖଣ୍ଡ ଥିବା ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରିଆ ସୂଚନା ଦେଇଛନ୍ତି।


ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com




@କୁନୁ



@ଶୁଭଦର୍ଶନ


ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।


# ସ୍ୱାସ୍ଥ୍ୟ ସେବା ଶିବିରରେ ଯୁବକଙ୍କ ଉନ୍ମତ୍ତ କାଣ୍ଡ

ବୈଶିଙ୍ଗା,୧୫।୯(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ଯୁଗଳ ପଞ୍ଚାୟତର କଇଁଆଶାସନ ଗ୍ରାମରେ ଚାଲିଥିବା ଏକ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିରରେ ପଶି ଜଣେ ଯୁବକ ଉନ୍ମତ୍ତକାଣ୍ଡ ଘଟାଇବା ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୩୪୮/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବିନୋଦ ଦେହୁରୀ। ସୂଚନା ଅନୁଯାୟୀ, କଇଁଆଶାସନସ୍ଥିତ ଶୀତଳା ମଣ୍ଡପଠାରେ 'ଆଶା ଅନେକ' ସ୍ୱେଚ୍ଛାସେବୀ ସଂଗଠନର ପ୍ରତିମା ପାଣିଗ୍ରାହୀ, ୱାର୍ଡ ସଭ୍ୟା ରତନୀ ଖଣ୍ଡେଇ, ଅଙ୍ଗନୱାଡି ସହାୟିକା ଝରଣା ବେହେରାଙ୍କ ସହିତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଶିବିର ଚାଲିଥିବା ବେଳେ ଅପରାହ୍ନରେ ହଠାତ୍ ଉକ୍ତ ଗ୍ରାମର ବିନୋଦ ପଶି ଆସି ଉପସ୍ଥିତ ମହିଳାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ହତ୍ୟା ଧମକ ଦେଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଉପସ୍ଥିତ ଗ୍ରାମବାସୀ ବିନୋଦଙ୍କୁ କାବୁ କରି ବୈଶିଙ୍ଗା ପୋଲିସ ଜିମା ଦେଇଥିଲେ।

# ଆର୍‌ଆଇଙ୍କୁ ଆକ୍ରମଣ ଘଟଣା, ଫେରାର ଅଭିଯୁକ୍ତ ଗିରଫ

ଖୁଣ୍ଟା(ଦେବରଞ୍ଜନ ବେହେରା)/ ଗୋପବନ୍ଧୁ ନଗର (ଶାନ୍ତନୁ କୁମାର ମଡୁଆଳ) ,୧୫।୯

ମୟୂରଭଞ୍ଜ ଜିଲା ଖୁଣ୍ଟା ତହସିଲ ଅଧୀନରେ ଚାଲିଥିବା ବେଆଇନ ପଥର ଖାଦାନରେ ଚଢ଼ାଉ କରିବାକୁ ଯାଇଥିବା ବଡ଼ପଥରା ରାଜସ୍ୱ ନୀରିକ୍ଷକ(ଆର୍‌ଆଇ) ଦୟାନିଧି ରାଉତଙ୍କୁ ଆକ୍ରମଣ ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଅରବିନ୍ଦ କୁମାର ସାହୁ।

ସୂଚନା ଅନୁଯାୟୀ, ଆର୍‌ଆଇ ରାଉତ ଗତ ଅଗଷ୍ଟ ୫ରେ ସପନଚୁଆ ଅଞ୍ଚଳରେ ପଥର ଚୋରାଚାଲାଣ ହେଉଥିବା ଖବର ପାଇ ସେଠାକୁ ଯାଇଥିବା ବେଳେ ପଥର ମାଫିଆଙ୍କ ଆକ୍ରମଣରେ ଗୁରୁତର ହୋଇଥିଲେ। ଏନେଇ ପୋଲିସ ଢୁକୁରା ଗ୍ରାମର ଅରବିନ୍ଦ କୁମାର ସାହୁ ଓ ସରୋଜ କୁମାର ସାହୁ, କୁଶଗଡ଼ିଆ ଗ୍ରାମର ବିଜୟ କୁମାର ନାଏକ ଓ ଚାନ୍ଦରାୟ ସୋରେନ, ସପନଚୁଆ ଗ୍ରାମର ସମିର ହେମ୍ବ୍ରମଙ୍କ ସମେତ ଅନ୍ୟ ୨ ଯୁବକଙ୍କୁ ମିଶାଇ ମୋଟ ୭ ଜଣଙ୍କ ନାମରେ ଏକ ମାମଲା(ନଂ.୨୩୧/୨୩) ରୁଜୁ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଚାନ୍ଦରାୟ ସୋରେନ, ବିଜୟ କୁମାର ନାଏକ ଓ ସମୀର ହେମ୍ବ୍ରମଙ୍କୁ ପୋଲିସ ପୂର୍ବରୁ ଗିରଫ କରିଥିବା ବେଳେ ଅଭିଯୁକ୍ତ ସରୋଜ ଓ ତାଙ୍କ ଶାଳକ ଅରବିନ୍ଦଙ୍କ ସମେତ ଅନ୍ୟ ୨ ଯୁବକ ଫେରାର ହୋଇ ଯାଇଥିଲେ।

# ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପକ୍ଷରୁ ଆକ୍ୱାଗାର୍ଡ ପ୍ରଦାନ

ଢେଙ୍କିକୋଟ,୧୫।୯(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପକ୍ଷରୁ ସାମାଜିକ ଦାୟିତ୍ୱ ବଦ୍ଧ କାର୍ଯ୍ୟକ୍ରମ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଓଡ଼ିଶା ମୁଖ୍ୟ ଜେନେରାଲ ମ୍ୟାନେଜର ଏ ଉଦୟ ଭାସ୍କର ରେଡ୍ଡି, ସମ୍ମାନିୟ ଅତିଥିଭାବେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ବାଲେଶ୍ୱର ସର୍କଲ ମଣ୍ଡଳ ମୁଖ୍ୟ ପୁରୁଷୋତ୍ତମ ପଟ୍ଟନାୟକ ଯୋଗଦେଇଥିଲେ। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଢେଙ୍କିକୋଟ ଗ୍ରାମକୁ ପୋଷ୍ୟ ଗ୍ରାମ ରୂପେ ଗ୍ରହଣ କରିଥିବାରୁ ଢେଙ୍କିକୋଟ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ଥିବା ଛାତ୍ରୀନିବାସରେ ଏକ ଆକ୍ୱାଗାର୍ଡ ମେସିନ ଲଗାଇଥିଲେ। ଅବସରରେ ବିଦ୍ୟାଳୟ ପରିସର ଚାରା ରୋପଣ କରିଥିଲେ। ମୁଖ୍ୟ ବକ୍ତାଭାବେ ଢେଙ୍କିକୋଟ ସରପଞ୍ଚ ଖଇର ନାଏକ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ସମେତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସହଯୋଗ କରିଥିଲେ।



ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ସ୍କୁଲ କର୍ମକର୍ତ୍ତା।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
ACCOUNTANT (Talley)
DATA ENTRY OPERATOR
(Talley & MS Office)
Attend Interview at
NISHAMANI PALACE
Bomikhal, Bhubaneswar-10
On any day.
Ph.No. 7978586205 / 9338554697

ASRIBADA PANCHAKARMA
HERBAL SPA
Female therapist required
Kesarimall, Bhubaneswar
Contact:8926173473

VACANCY
OM Surgical and Chemicals
needs Accountants having knowledge of Tally and Accounting Software, GST returns filling, compliances and minimum requirement of Income Tax, (Salary negotiable).
Send CV at omsurgical@yahoo.co.in
Mob. No.: 9437014935

ସିକ୍ୟୁରିଟି ଗାର୍ଡ଼ ଆବଶ୍ୟକ
ସିକ୍ୟୁରିଟି ଗାର୍ଡ଼ର ବଡ଼ ଧରଣର ନିଯୁକ୍ତି
ଓଡ଼ିଶାର ସବୁ ଜିଲ୍ଲାରେ ନିଯୁକ୍ତି
ଦରମା : ୧୨୦୦୦/- ରୁ ୧୮,୦୦୦/-
ରହିବା ପାଇଁ ଘର, ଖାଇବା ମେସ୍
Real King Security Service
8984433623


# ବାଘାଯତୀନ ମଣ୍ଡଳରେ 'ମୋ ଦେଶ ମୋ ମାଟି' କାର୍ଯ୍ୟକ୍ରମ

ରେମୁଣା, ୧୫।୯(ରବୀନ୍ଦ୍ର ମହାକୁଡ଼)

ବାଲେଶ୍ୱର ଜିଲା ରେମୁଣା ଭାଜପା ପକ୍ଷରୁ ବାଘାଯତୀନ ମଣ୍ଡଳରେ ଶୁକ୍ରବାର 'ମୋ ଦେଶ ମୋ ମାଟି' ଅଭିଯାନ ଆରମ୍ଭ ହୋଇଛି। ବାଲିଆ ପଞ୍ଚାୟତ ସଭାପତି ବିନୟ କୁମାର ପଡ଼ିହାରି ନେତୃତ୍ୱ ନେଇଥିଲେ। ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଘାଯତୀନ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ସାହା, ବାଲିଆ ସରପଞ୍ଚ ନିତାଇ ଚରଣ ନାୟକ, ପଞ୍ଚାୟତ ଉପ-ସଭାପତି ରତିକାନ୍ତ ରାଉତ, ପଞ୍ଚାୟତ ପ୍ରଭାରୀ ରତିକାନ୍ତ ବାଗୁଡାଇ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଦିଲ୍ଲୀରେ ହେବାକୁ ଯାଉଥିବା ସହିଦ ସ୍ମୃତି ଭବନ (ଅମୃତ ବାଟିକା) ପାଇଁ 'ମୋ ଦେଶ ମୋ ମାଟି' କାର୍ଯ୍ୟକ୍ରମ ଜରିଆରେ ସହିଦ ଯବାନମାନଙ୍କ ଘରୁ ମାଟି ସଂଗ୍ରହ କରାଯାଇଥିଲା। ବାଲିଆ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ମାଟି ସଂଗ୍ରହ କରାଯାଇଥିଲା। ପରେ ବାଲିଆ ମାଟିର ବୀର ଯବାନଙ୍କ ଉଦ୍ଦେଶ୍ୟରେ ସମସ୍ତ ଗ୍ରାମବାସୀଙ୍କ ଘର ଘର ବୁଲି ମାଟି ସଂଗ୍ରହ କରାଯାଇଥିଲା। ତପନ କୁମାର ଦାସ, ରୂପବତୀ ମାଝି, ସୁକାନ୍ତି ମହାଳିକ, ସୁଦୀପ ଦାସ, ଶିବାନୀ ହାଁସଦା, କୃଷ୍ଣଚନ୍ଦ୍ର ଜେନା, ଦିଲୀପ କୁମାର ନାୟକ, ଗୌରାଙ୍ଗ ବେହେରା, ତପନ ମହାଳିକ, ବାବୁ ଦାସ, ମୁନ ମହାଳିକ, ପ୍ରଫୁଲ୍ଲ ମୁଖି, ଶରତ ଦାସ, ତଡ଼ିତ କରଣ ୦୦ପ୍ରମୁଖ ସହଯୋଗ କରିଥିଲେ।



ମାଟି ସଂଗ୍ରହ କରାଯାଉଛି।

# ଧାରଣାରେ ଇପିଏଫ୍ ପେନ୍‌ସନଧାରୀ

ଭଦ୍ରକ,୧୫।୯(ସନାତନ ରାଉତ)

ଭଦ୍ରକ ଜିଲାପାଳଙ୍କ ଅଫିସ ଆଗରେ ଶୁକ୍ରବାର ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ ପକ୍ଷରୁ ଅବସରପ୍ରାପ୍ତ କର୍ମଚାରୀମାନେ ଧାରଣା ଦେଇଥିଲେ। କୁଞ୍ଜବିହାରୀ ନାୟକଙ୍କ ସଭାପତିତ୍ୱରେ ଶ୍ରମିକ ନେତା ଦିବ୍ୟସିଂହ ନାୟକ, ରମେଶ ନାୟକ, ଚନ୍ଦ୍ରଶେଖର ନାୟକ, କାଳନ୍ଦୀ ପାତ୍ର, ସୀତାଂଶୁ ମଲ୍ଲିକ, ଉମାକାନ୍ତ ନାୟକ, ବିଷ୍ଣୁ ରାଉତ ପ୍ରମୁଖ ଯୋଗଦେଇ କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାର ବିଧାୟକ, ଏମ୍‌ପିମାନଙ୍କୁ ପେନ୍‌ସନ ବ୍ୟବସ୍ଥା କରୁଛନ୍ତି। ହେଲେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ମାସିକ ସର୍ବନିମ୍ନ ୯ ହଜାର ଟଙ୍କା ପେନ୍‌ସନ ଦେବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ସରକାର ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ବ୍ୟାପକ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ଦୁର୍ଘଟଣାରେ ପିଇଓଙ୍କ ମୃତ୍ୟୁ

ଉଦଳା,୧୫।୯(ସନ୍ତୋଷ କୁମାର ବାଛିନୀ)

ଉଦଳା- କପ୍ତିପଦା ରାଜ୍ୟ ରାଜପଥର ହୋଣ୍ଡା ଶୋ'ରୁମ ନିକଟରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣାରେ କପ୍ତିପଦା ବ୍ଲକ ମଝିଗଡ଼ିଆ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ଦେବଦତ୍ତ ଗିରିଙ୍କ ମୃତ୍ୟୁ ହୋଇଛି। ସେ ଉଦଳାରୁ କାମ ସାରି ବାଇକ୍ ଯୋଗେ କପ୍ତିପଦା ଫେରୁଥିବା ବେଳେ ଏକ ବୋଲେରୋ ତାଙ୍କୁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ଘର ଯଶିପୁର ଅଞ୍ଚଳରେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# କଂଗ୍ରେସର ସଂଯୋଜନା କମିଟି ଗଠିତ

### କେନ୍ଦୁଝର ସଦର ବିଧାନସଭା ନିର୍ବାଚନମଣ୍ଡଳୀ

କେନ୍ଦୁଝର,୧୫।୯(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବିଧାନସଭା ମଣ୍ଡଳୀ ପାଇଁ କଂଗ୍ରେସ ଏକ ସଂଯୋଜନା କମିଟି ଗଠନ କରିଛି। ଜାତୀୟ ସଂଯୋଜକ କେ ରାଜୁଙ୍କ ଆହ୍ୱାନକ୍ରମେ ସଭାପତି ଭାବେ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡ଼ା, ସଂଯୋଜକ ରତ୍ନାକର ଜେନା, ସ୍ୱତନ୍ତ୍ର ନିମନ୍ତ୍ରଣ ସଦସ୍ୟ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିପ୍ଳବ ମିଶ୍ର, ଜିଲ୍ଲା କଂଗ୍ରେସ ଉପସଭାପତି ବସନ୍ତ ଦାସ, ପିସିସି ସଦସ୍ୟ ଲଳିତ ମୋହନ ନାୟକ, ପୂର୍ବତନ କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ପ୍ରାର୍ଥିନୀ ପ୍ରାଚିବାଳା ସାହୁ ଓ କମିଟି ସଦସ୍ୟଭାବେ ମନୋରଞ୍ଜନ ମିଶ୍ର, ଆନନ୍ଦ ଚନ୍ଦ୍ର ସାହୁ, କିଶୋର ସାହୁ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ସଦର ବ୍ଲକ୍ କଂଗ୍ରେସ ସଭାପତି ଉତ୍ତମ ସାହୁ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ସଙ୍ଗୀତା ସିଂହ, ପଛୁଆବର୍ଗ ସଭାପତି ଯଦୁମଣି ବାରିକ, ଇଂ ବିନୋଦ ବିହାରୀ ନାୟକ, ଜିଲ୍ଲା ସେବାଦଳ ଅଧ୍ୟକ୍ଷ ବୀରଭଦ୍ର ମହାନ୍ତ, ଦଳିତ ସେଲ ସଭାପତି ରମାକାନ୍ତ ପାତ୍ର, ଜିଲ୍ଲା ସୋସିଆଲ ମିଡ଼ିଆ ସଂଯୋଜକ ସୁଡ଼ଲ ସେଠୀ, ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ଶ୍ରୀକାନ୍ତ ମହାନ୍ତ, ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ସଭାପତି ସୁଦର୍ଶନ ପାଇକରାୟ, ସଦର ବିଧାନସଭା ଯୁବ କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ରାଉତ, ସଦର ବିଧାନସଭା ଛାତ୍ର କଂଗ୍ରେସ ସଭାପତି ଜଗଦୀଶ ପରିଡ଼ା, ଆର୍ତ୍ତତ୍ରାଣ ଦାସ, ମତିବୁର ରେହେମନ, ଦିଲୀପ ସ୍ୱାଇଁ ପ୍ରମୁଖ ସ୍ଥାନ ପାଇଛନ୍ତି।




## ଶିକ୍ଷକଙ୍କଠାରୁ ଝାମ୍ପିନେଲେ ୧ଲକ୍ଷ ୨୦ ହଜାର

ଉଦଳା,(ସନ୍ତୋଷ କୁମାର ବାଛିନୀ)- ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳରେ ଶୁକ୍ରବାର ସ୍ପଷ୍ଟ ଦିବାଲୋକରେ ଜଣେ ଶିକ୍ଷକଙ୍କଠାରୁ ଦୁର୍ବୃତ୍ତମାନେ ୧ଲକ୍ଷ ୨୦ ହଜାର ଟଙ୍କା ଲୁଟି ନେଇଛନ୍ତି। ସ୍ଥାନୀୟ ୧୨ନଂ. ୱାର୍ଡରେ ରହୁଥିବା ଶିକ୍ଷକ କୃଷ୍ଣଚନ୍ଦ୍ର ମହାନ୍ତ ଉଦଳା ଷ୍ଟେଟ ବ୍ୟାଙ୍କରୁ ଟଙ୍କା ଉଠାଇ ବ୍ଲକଠାରୁ ଆଇସିଡିଏସ୍ କାର୍ଯ୍ୟାଳୟ ରାସ୍ତାରେ ଘରକୁ ଯାଉଥିବା ବେଳେ ୨ଜଣ ଲୁଟେରା କଳା ପଲସରରେ ଆସି ତାଙ୍କଠାରୁ ଟଙ୍କା ବ୍ୟାଗ ଝାମ୍ପିନେଇ ପଳାଇ ଯାଇଥିଲେ। ଅଭିଯୋଗ ପାଇ ପୋଲିସ ବିଭିନ୍ନ ସ୍ଥାନର ସିସିଟିଭି ଯାଞ୍ଚ କରିବା ସହ ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ

ହାଟଡ଼ିହୀ,୧୫।୯(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସୋସୋ ଗ୍ରାମ ମଝି ସାହିର ଜଣେ ବୃଦ୍ଧଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଭିକାରୀ ମାଝୀ (୬୫)। ଭିକାରୀ ଶୌଚ ହେବା ପାଇଁ ବାହାରକୁ ଯାଇଥିବା ବେଳେ ପଡ଼ିଆରେ ଏକ ସାପ ଉପରେ ପାଦ ପଡ଼ିଯାଇଥିଲା। ଫଳରେ ସାପ ଭିକାରୀଙ୍କ ଗୋଡ଼କୁ କାମୁଡି ଦେଇଥିଲା। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଭଦ୍ରକ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ସୋସୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ବୈଲୋଚନ ନାୟକ ଦାବି କରିଛନ୍ତି।

### ଶିଶୁପୁତ୍ର ନିଖୋଜ ଘଟଣା
### ପୋଖରୀରୁ ମୃତଦେହ ଜବତ

ରୂପସା,୧୫।୯(ବାଞ୍ଛାନିଧି ଦେ)- ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ କୁଶଡ଼ିହା ଗ୍ରାମର ଜଣେ ଦୁଇ ବର୍ଷର ଶିଶୁପୁତ୍ରଙ୍କ ମୃତଦେହକୁ ପୋଲିସ ଶୁକ୍ରବାର ଏକ ପୋଖରୀରୁ ଜବତ କରିଛି। ଗୁରୁବାର ଉକ୍ତ ଶିଶୁପୁତ୍ର ତାଙ୍କ ବଡ଼ଭାଇଙ୍କ ସହ ଘରେ ବସି ମୋବାଇଲ ଦେଖୁଥିଲେ। ପରେ ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଖରୀରେ ବୁଡ଼ି ଶିଶୁପୁତ୍ରର ମୃତ୍ୟୁ ଘଟିଥିବା ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଦୁଃଖର ବାତାବରଣ ଖେଳିଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ଅରୁଣ ରାମଙ୍କ ୨ବର୍ଷର ପୁଅ ରିତିକ ରାମ ଓ ତାଙ୍କ ବଡ଼ ଭାଇ ରିଶି ଘରେ ବସି ମୋବାଇଲ ଦେଖୁଥିଲେ। ରିତିକ୍‌ଙ୍କ ମା' ଏହି ସମୟରେ ଘରକାମରେ ବ୍ୟସ୍ତ ଥିଲେ। ପରେ ରିତିକଙ୍କୁ ନ ପାଇବାରୁ ଗାଁ, ପଡ଼ିଶା ଘରେ ବହୁ ଖୋଜାଖୋଜି କରିଥିଲେ। କିଛି ସନ୍ଧାନ ନ ମିଳିବାରୁ ଶେଷରେ ନିରାଶ ହୋଇ ପୁଅ ପୋଖରୀରେ ବୁଡ଼ି ଯାଇଥିବ ସନ୍ଦେହ କରି ବସ୍ତା ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ସଦଳବଳେ ବସ୍ତା ଅଗ୍ନିଶମ ବିଭାଗ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ପାଖରେ ଥିବା ୩ଟି ପୋଖରୀରେ ଅଗ୍ନିଶମ ବିଭାଗ ପକ୍ଷରୁ ଖୋଜାଖୋଜି କରିଥିଲେ ହେଁ ରିତିକଙ୍କ ସନ୍ଧାନ ମିଳି ନ ଥିଲା। ଶୁକ୍ରବାର ସ୍ଥାନୀୟ ଏକ ପୋଖରୀରେ ଉକ୍ତ ଶିଶୁପୁତ୍ରଙ୍କ ମୃତଦେହ ଭାସୁଥିବା ଦେଖି ଗାଁ ଲୋକେ ପୋଲିସକୁ ଖବର ଦେଇଥିଲେ।

### ମୋ ସେବାକେନ୍ଦ୍ର ସ୍ଥାନାନ୍ତର ଦାବି

ଭଦ୍ରକ, ୧୫।୯(ସନାତନ ରାଉତ)- ନିଜ ପଞ୍ଚାୟତରେ ସବୁ ପ୍ରକାର ସରକାରୀ ସେବା ପାଇବା ନେଇ ୨୦୨୧ରେ ରାଜ୍ୟରେ ୬୭୯୮ଟି ପଞ୍ଚାୟତରେ ମୋ ସେବା କେନ୍ଦ୍ର ସ୍ଥାପନ କରାଯାଇଥିଲା। ହେଲେ ୩ ବର୍ଷ ପରେ ମଧ ରାଜ୍ୟ ସରକାରଙ୍କ କୌଣସି ଯୋଜନାର ସେବା ଲୋକେ ମା ସେବା କେନ୍ଦ୍ରରେ ପାଇପାରିଲେ ନାହିଁ। ଏବେ ମୋ ସେବା କେନ୍ଦ୍ରକୁ ନିଜ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଖୋଲିବା ନେଇ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ତା ୨୨।୨।୨୦୨୩ ରିଖରେ ଚିଠି ନଂ. ୭୬୮ରେ ଭଦ୍ରକ ଜିଲାପାଳଙ୍କୁ ଚିଠି କରାଯାଇଥିଲା। ଜିଲାପାଳ ସମସ୍ତ ବିଡିଓଙ୍କୁ ଦୁଇ ଥର ଚିଠି କରିଥିଲେ ସୁଦ୍ଧା ଆଜି ଯାଏ ଜିଲାର ମାତ୍ର ୧୮ଟି ମୋ ସେବାକେନ୍ଦ୍ର ପଞ୍ଚାୟତ କାର୍ଯ୍ୟାଳୟ ପରିସରକୁ ସ୍ଥାନାନ୍ତର ହୋଇଥିବା ନେଇ ମୋ ସେବାକେନ୍ଦ୍ର ପରିଚାଳକ ସଂଘ ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଭଦ୍ରକ ଜିଲା ମୋ ସେବାକେନ୍ଦ୍ର ପରିଚାଳକ ସଂଘର ସଭାପତି ମହେଶ କୁମାର ମିଶ୍ର, ସମ୍ପାଦକ ରାଜକିଶୋର ଶତପଥୀ, ସହସମ୍ପାଦକ ଏସ୍. କେ. ଅଖତର, ମୁଖ୍ୟ ପରାମର୍ଶଦାତା ଶୁଭେନ୍ଦୁ କୁମାର ଖୁଣ୍ଟିଆ, ଅକ୍ଷୟ କୁମାର ଖୁଣ୍ଟିଆ, ପ୍ରକାଶ ସାମଲ, ସୋମନାଥ ରାଉତ, ବରୁଣ ନାୟକ, ପ୍ରଶାନ୍ତ ପୃଷ୍ଟି, ନିର୍ମଳ ମଲିକଙ୍କ ସମେତ ପଞ୍ଚାୟତର ପରିଚାଳକମାନେ ଶୁକ୍ରବାର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ଜିଲାପାଳ ଖୁବ୍‌ଶୀଘ୍ର ପଞ୍ଚାୟତ ପରିସରରେ ଘର ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ସଂଘ ସଭାପତି ମିଶ୍ର କହିଛନ୍ତି।

# ଉନ୍ନତିମୂଳକ କାର୍ଯ୍ୟର ଅଗ୍ରଗତି ଉପରେ ଗୁରୁତ୍ୱ

**ବାଲେଶ୍ୱର ଷଷ୍ଠ ଜିଲା ପରିଷଦର ପଞ୍ଚମ ବୈଠକ**

ବାଲେଶ୍ୱର, ୧୫।୯(ମାନସ ବିଶ୍ୱାଳ)



ବାଲେଶ୍ୱର ଷଷ୍ଠ ଜିଲା ପରିଷଦ ବୈଠକରେ ମନ୍ତ୍ରୀ, ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

ବାଲେଶ୍ୱର ଷଷ୍ଠ ଜିଲା ପରିଷଦର ପଞ୍ଚମ ବୈଠକ ଶୁକ୍ରବାର ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦର ଅଧ୍ୟକ୍ଷ ନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପର୍ଯ୍ୟଟନ, ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବାଲେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ଉମାକାନ୍ତ ମହାପାତ୍ର, ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ବାଲେଶ୍ୱର ଉପଜିଲାପାଳ କୁନାଲ ମୋତିରାମ ଚୌହାନ, ବାଲେଶ୍ୱର ଜିଲା ପରିଷଦ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ବିଭିନ୍ନ ବିଭାଗୀୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୂର୍ବ ବୈଠକର ବିବରଣୀ ସମ୍ବନ୍ଧରେ ସଂକ୍ଷିପ୍ତ ଭାବରେ ଆଲୋଚନା କରାଯିବା ପରେ ତୃଣମୂଳସ୍ତରରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସହିତ ବିକାଶକୁ କିଭଳି ତ୍ୱରାନ୍ୱିତ କରାଯାଇପାରିବ ସେ ସମ୍ପର୍କରେ ଉପସ୍ଥିତ ସଦସ୍ୟାସଦସ୍ୟମାନେ ମତ ଉପସ୍ଥାପନା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିବା ସହ ଖୁବ୍‌ଶୀଘ୍ର ନୂଆ ଡାକ୍ତର, ନର୍ସ ଓ ଅନ୍ୟ ଷ୍ଟାଫଙ୍କୁ ନିଯୁକ୍ତି କରାଯାଇ ଆବଶ୍ୟକ ଚିକିତ୍ସାଳୟଗୁଡ଼ିକରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ପୂରଣ କରାଯିବ। ବିଗତ କିଛି ବର୍ଷ ମଧ୍ୟରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେଇ ଜିଲାକୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ଅଗ୍ରଣୀ ଜିଲାରେ ପରିଣତ କରାଯାଇପାରିଛି ଏବଂ ଏଥିପାଇଁ ଜିଲାକୁ 'କାୟାକଳ୍ପ' ପୁରସ୍କାର ପ୍ରଦାନ କରାଯାଇଥିଲା ବୋଲି କହିଥିଲେ। ପରେ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ଜିଲାର ଶିକ୍ଷାବସ୍ଥା ଉପରେ ବିବରଣୀ ପ୍ରସ୍ତୁତ କରି ଜିଲାରେ ଅବସ୍ଥାପିତ ୧୨ଗୋଟି ଆଦର୍ଶ ବିଦ୍ୟାଳୟର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ସେହିଭଳି ସମାଜ ମଙ୍ଗଳ ଓ ଶିଶୁ କଲ୍ୟାଣ, ଖାଦ୍ୟ ଯୋଗାଣ, ପାନୀୟ ଜଳ, ପୂର୍ତ୍ତ ଆଦି ବିଭାଗର ବରିଷ୍ଠ ଅଧିକାରୀମାନେ ନିଜ ନିଜ ବିଭାଗର ରିପୋର୍ଟ ପ୍ରଦାନ କରିଥିଲେ। ସଭାରେ ପଚରାଯାଇଥିବା ସମସ୍ତ ପ୍ରଶ୍ନଗୁଡ଼ିକୁ ଯଥାଶୀଘ୍ର ସମାଧାନ କରାଯିବ ବୋଲି ଜିଲାପାଳ ଶିନ୍ଦେ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଜିଲା ପରିଷଦ ଉପସଭାପତି ଅନୁସୟା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଛଉନୃତ୍ୟ ଗୁରୁ ସିଦ୍ଧେଶ୍ୱର ହେବେ ପୁରସ୍କୃତ

ବାରିପଦା,୧୫।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଛଉ ନୃତ୍ୟଗୁରୁ ସିଦ୍ଧେଶ୍ୱର ଦାସ ।

ମୟୂରଭଞ୍ଜ ଜିଲା ଉତ୍ତରସାହିର ଛଉ ନୃତ୍ୟଗୁରୁ ସିଦ୍ଧେଶ୍ୱର ଦାସଙ୍କୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଶୁକ୍ରବାର ପୁରସ୍କୃତ କରାଯିବ। ଭାରତ ସରକାରଙ୍କ ଦ୍ୱାରା ଆଜାଦି କି ଅମୃତ ମହୋତ୍ସବ ଅବସରରେ ଉପରାଷ୍ଟ୍ରପତିଙ୍କ ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯିବା ନେଇ ଦିଲ୍ଲୀରୁ ଡାକରା ଆସିଛି। ଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ତାଙ୍କୁ ପୁରସ୍କାର ସ୍ୱରୂପ ଏକ ଲକ୍ଷ ଟଙ୍କା ରାଶି ସହିତ ମାନପତ୍ର ପ୍ରଦାନ କରାଯିବା ନେଇ ଚିଠିରେ ଉଲ୍ଲେଖ ରହିଛି। ଖବର ପ୍ରଚାରିତ ହେବା ପରେ ଜିଲାର ଛଉ କଳାକାରଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

ବାରିପଦା ସହର ୱାର୍ଡ ନଂ.୫ର ସ୍ୱର୍ଗତ ହରିହର ଦାସ ଓ ମାଆ ସୁଲୋଚନାଙ୍କ ସୁପୁତ୍ର ସିଦ୍ଧେଶ୍ୱର ଦାସ(ଶିବ) ୧୯୨୮ ଫେବୃୟାରୀରେ ଜନ୍ମ ଗ୍ରହଣ କରିଥିଲେ। ମାତ୍ର ୭ବର୍ଷ ବୟସରେ ସିଦ୍ଧେଶ୍ୱର ଗୁରୁ ରଘୁନନ୍ଦନ କୁଅଁରବାବୁଙ୍କଠାରୁ ଛଉ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଉତ୍ତରସାହି ଛଉ ନୃତ୍ୟ ପ୍ରତିଷ୍ଠାନ ଆରମ୍ଭ କରି ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓଙ୍କ ସମୟରେ ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟରେ ପାରଙ୍ଗମ ଥାଇ ଦେଶ ବିଦେଶରେ ନିଜର କଳାନୈପୁଣ୍ୟ ପ୍ରଦର୍ଶନ କରିବା ସହିତ ଛଉ ନୃତ୍ୟର ପ୍ରଚାର ପ୍ରସାର କରିଥିଲେ। ଲୋକନାଥ ଦାସ, ସ୍ୱର୍ଗତ ରାମଚନ୍ଦ୍ର ଦାସ, ପ୍ରଦୀପ ମହାନ୍ତି, ଶାନ୍ତନୁ ନାଏକ, ହରିଶ୍ଚନ୍ଦ୍ର ସାମଲ, ପ୍ରଦୀପ ସ୍ୱାଇଁ, ସୁସ୍ମିତା ମିଶ୍ର, ରାନୀ ଦାସ, ଡା.ଅଭିପ୍ସା ପଣ୍ଡାଙ୍କ ଭଳି ତାଙ୍କର ଅନେକ ଶିଷ୍ୟ ଦେଶ ବିଦେଶରେ ଛଉ ନୃତ୍ୟ ପରିବେଷଣ କରୁଛନ୍ତି।

## ବିଭିନ୍ନ ଗାଁରେ ସିଗ୍‌ନାଲ ରହୁ ନ ଥିବାରୁ ଅସନ୍ତୋଷ



ସଚେତନତା କାର୍ଯ୍ୟକ୍ରମରେ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥାର ଅଧିକାରୀ।

ନୀଳଗିରି, ୧୫।୯(ପ୍ରଶାନ୍ତ କୁମାର ବିଶ୍ୱାଳ)

ନୀଳଗିରି କଲେଜ ସମ୍ମିଳନୀ କକ୍ଷରେ ଟ୍ରାଇ (TRAI) ସହଯୋଗରେ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥା ବିଏସ୍‌ଏନଏଲ, ଏୟାରଟେଲ ଏବଂ ଜିଓ ରିଲାଏନ୍ସର ଆଞ୍ଚଳିକ ପ୍ରତିନିଧିଙ୍କ ଉପସ୍ଥିତିରେ ଗୁରୁବାର ଏକ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁଧାଂଶୁ ମୋହନ ଦାଶ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଟ୍ରାଇର ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିଲେ। ପରିବର୍ତ୍ତନ ସଂସ୍ଥାର ସମ୍ପାଦକ ଶୁଭ୍ରାଂଶୁ ଭୂଷଣ ସ୍ୱାଇଁ ପରିବର୍ତ୍ତନ ସଂସ୍ଥା ଏବଂ କଞ୍ଜୁମର ଏଡଭୋକେସି ଗ୍ରୁପ-ଟ୍ରାଇ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଶ୍ନ ବାଣରେ ସେବାପ୍ରଦାନକାରୀ ସଂସ୍ଥାର ଅଧିକାରୀମାନେ ହଡବଡେଇ ଯାଇଥିଲେ। । ନୀଳଗିରି ଏକ ବଣପାହାଡ ଘେରା ଆଦିବାସୀ ଅଞ୍ଚଳ। ଏଠାରେ ବିଭିନ୍ନ ଗାଁରେ ମୋବାଇଲ ସିଗ୍‌ନାଲ ନ ଥିବାରୁ ଲୋକେ ବହୁ ଅସୁବିଧା ଭୋଗୁଛନ୍ତି। ଫୋନ କଲ ଆସୁଛି, କଥା ହେବା ପାଇଁ ଛାତ ଉପରକୁ ନ ହେଲେ ରାସ୍ତା ଉପରକୁ ଯିବାକୁ ପଡୁଛି। ନ ହେଲେ ବିନା ନେଟୱର୍କରେ ଖେଳନା ପାଲଟିଯାଉଛି ମୋବାଇଲ। ନିଜର ମୋବାଇଲ ଫୋନ ନମ୍ବର ଦେବାସହ ଗ୍ରାହକ ବଢିବା ତୁଳନାରେ ଟାୱାର ସଂଖ୍ୟା ବଢିପାରିନାହିଁ ତେଣୁ ବହୁ ଶୀଘ୍ର ନୂତନ ଜିଓ ଟାୱାର ବ୍ୟବସ୍ଥା ହେଉଛି ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଶଙ୍କର୍ଷଣ ନାୟକ, ବିଏସଏନଏଲର ଏସଡିଓ ନିକୁଞ୍ଜ ବିହାରୀ ଧୀର, ଏୟାରଟେଲର ପ୍ରଶାନ୍ତ ବେହେରା ଏବଂ ଜିଓ ରିଲାଏନ୍ସର ବିଜୟ ପୁଥାଳ, ଇଂଲିଶ ଅଧ୍ୟାପକ ପ୍ରଦୀପ କୁମାର ଜେନା, ପରିବର୍ତ୍ତନ ବୋର୍ଡ ସଦସ୍ୟ ପ୍ରକାଶ ମର୍ଦ୍ଦରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ର ସଂସଦ ନିର୍ବାଚନ ଦାବିରେ ଧାରଣା

କେନ୍ଦୁଝର,୧୫।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

ଚଳିତ ବର୍ଷ ପାଇଁ ରାଜ୍ୟ ସରକାର ପ୍ରକାଶ କରିଥିବା ଏକାଡେମିକ କ୍ୟାଲେଣ୍ଡରରେ ଛାତ୍ର ସଂସଦ ନିର୍ବାଚନ ହେବା ନେଇ କୌଣସି ସୂଚନା ନାହିଁ। ଗତ ୫ ବର୍ଷ ହେଲା ଛାତ୍ର ସଂସଦ ନିର୍ବାଚନକୁ ବିଶୃଙ୍ଖଳା ଓ ଅନ୍ୟାନ୍ୟ ଯୁକ୍ତି ଆଳରେ ରାଜ୍ୟ ସରକାର ବନ୍ଦ କରିଛନ୍ତି। ଚଳିତ ବର୍ଷ ନିର୍ବାଚନ କରିବା ଦାବିରେ ଶୁକ୍ରବାର ଅଲ ଇଣ୍ଡିଆ ଡିଏସ୍‌ଓ ପକ୍ଷରୁ ସ୍ଥାନୀୟ ଧରଣୀଧର ବିଶ୍ୱ ବିଦ୍ୟାଳୟ ସମ୍ମୁଖରେ ପ୍ଲାକାର୍ଡ ଧରି ଧାରଣା ଦିଆଯାଇଛି। ନିର୍ବାଚନ କରିବା ନେଇ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରେରଣ କରିଛନ୍ତି। ଧାରଣାରେ ଛାତ୍ର ନେତା ଗୌର ପାତ୍ର, ମନୁ ନାୟକ, ଦିପ୍ତୀ ମହାନ୍ତ, ଲଲାଟେନ୍ଦୁ ମହାନ୍ତ ସାମିଲ ହୋଇ ଶିକ୍ଷାନୁଷ୍ଠାନମାନଙ୍କରେ ଥିବା ସମସ୍ୟା ଗୁଡ଼ିକୁ କର୍ତ୍ତୃପକ୍ଷ ଓ ସରକାରଙ୍କ ପାଖରେ ଉପସ୍ଥାପନ କରିବାରେ ଛାତ୍ରନେତା ପଦକ୍ଷେପ ନେଇଥାନ୍ତି। ନିର୍ବାଚିତ ଛାତ୍ର ସଂସଦ ଗଠନ କରିବା ଛାତ୍ରୀଛାତ୍ରମାନଙ୍କ ଏକ ସଂଗ୍ରାମ ଲବ୍ଧ ଅଧିକାର। ଏଣୁ ଏହାକୁ ବନ୍ଦ କରା ନ ଯାଉ ବୋଲି ସେମାନେ କହିଥିଲେ।

## ଜୁଆଖେଳ ଅଭିଯୋଗରେ ୨ ଗିରଫ

କୁଳିଅଣା,୧୫।୯(ଆଦିକନ୍ଦ ସାହୁ)

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ପୋଲିସ ଜୁଆଖେଳ ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ବାଇଗଣବାଡ଼ିଆ ଗ୍ରାମର ପ୍ରଭାକର ଦଳାଇ ଓ ଅନ୍ଧାରି ଗ୍ରାମର ମୁନା ସୋରେନ। ସେମାନଙ୍କଠାରୁ ନଗଦ ୮୪୦ ଟଙ୍କା, ଧଣ୍ଡି ପାଲି ଏବଂ ଗୋଟିଏ ପେଟ୍ରୋମାକ୍ସ ଲାଇଟ୍ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୧୨୪/୨୩) ମାମଲା ରୁଜୁ ହୋଇଛି। ଗୁରୁବାର ସନ୍ଧ୍ୟା ୬ଟା ୩୦ସମୟରେ ଡୁମୁରଡ଼ିହା ହାଟ ପଡ଼ିଆରେ ଜୁଆଖେଳ ଚାଲୁଥିବା ଖବରପାଇ କୁଳିଅଣା ଥାନା ଏଏସ୍‌ଆଇ ମନୋରମା ପାତ୍ର ସଦଳବଳ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲେ।

## ଅଫଲାଇନ ଟେଣ୍ଡର ବାଜ୍ୟାପ୍ତି କରିବାକୁ ଭାଜପା ଦାବିପତ୍ର


ଭାଜପା କର୍ମକର୍ତ୍ତା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ପାଟଣା,୧୫।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ରେ ଡିଏମ୍‌ଫଣ୍ଡରୁ ନିର୍ମିତ ହେବାକୁ ଥିବା ୨୫ ପ୍ରକଳ୍ପ ପାଇଁ ଗତ ବୁଧବାର ଅଫ୍‌ଲାଇନରେ ପାଟଣା ବ୍ଲକ ସଭାଗୃହରେ ଟେଣ୍ଡର ପକ୍ରିୟା ଶେଷ ହୋଇଛି। ଶୁକ୍ରବାର ରାଜ୍ୟ ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚା ଉପ ସଭାପତି ତଥା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାଏକଙ୍କ ନେତୃତ୍ୱରେ ପାଟଣା ମଣ୍ଡଳ ଭାଜପା ମଣ୍ଡଳ ସଭାପତି ରମେଶ ଚନ୍ଦ୍ର ମହାନ୍ତ, ଉପସଭାପତି ସଞ୍ଜୟ ପଲେଇ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରହଲ୍ଲାଦ ପଲେଇ, ସଂଖ୍ୟାଲଘୁର ଏମ୍‌ଡି ଅବଦୁଲା ପ୍ରମୁଖ ପାଟଣା ବିଡ଼ିଓ ଶିବ ଶଙ୍କର ମୁର୍ମୁଙ୍କୁ ଭେଟି ଟେଣ୍ଡରକୁ ବାତିଲ କରି ଅନ୍‌ଲାଇନ ମାଧ୍ୟମରେ ଟେଣ୍ଡର କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ବ୍ୟତିକ୍ରମ ହେଲେ ଭାଜପା ପକ୍ଷର ଆଗାମୀ ଦିନରେ ବ୍ଲକ୍ କାର୍ଯ୍ୟାଳୟ ଘେରାଉ ସହିତ ବିଡ଼ିଓଙ୍କ ବିରୋଧରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିବାକୁ ଚେତାବନୀ ଦିଆଯାଇଛି।

## ସନାତନ ଧର୍ମବିରୋଧୀ କାର୍ଯ୍ୟକଳାପକୁ ବିରୋଧ

ବାଲେଶ୍ୱର, ୧୫।୯(ମାନସ ବିଶ୍ୱାଳ)

ସନାତମ ଧର୍ମ ବିରୋଧରେ ମନ୍ତବ୍ୟ ଦେଇ ବିବାଦଘେରକୁ ପଶିଯାଇଥିବା ତାମିଲନାଡୁର ମନ୍ତ୍ରୀ ଉଦୟନିଧି ଷ୍ଟାଲିନଙ୍କୁ ସମ୍ପ୍ରତି ଦେଶବ୍ୟାପୀ ବିରୋଧ କରାଯାଉଛି। ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନ ପକ୍ଷରୁ ବାଲେଶ୍ୱର ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

ଷ୍ଟାଲିନ ଏକ ଖବରଦାତା ସମ୍ମିଳନୀରେ ଡେଙ୍ଗୁ, ମ୍ୟାଲେରିଆ, କରୋନା ଭାଇରସ ଭଳି ସନାତନ ଧର୍ମକୁ ମୂଳପୋଛ କରାଯିବା ଆବଶ୍ୟକ ବୋଲି ମନ୍ତବ୍ୟ ଦେଇଥିଲେ। ପରେ ତାଙ୍କ ପିତା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ ପୁତ୍ରର ଏହି ମନ୍ତବ୍ୟକୁ ସମର୍ଥନ ଜଣାଇଥିବା ବେଳେ ଡିଏମ୍‌କେର ଅନ୍ୟତମ ନେତା ଏ ରାଜା ମଧ ଉଦୟନିଧି ଷ୍ଟାଲିନଙ୍କୁ ସମର୍ଥନ ଜଣାଇ ସନାତନ ଧର୍ମକୁ କୁଷ୍ଠ ଓ ଏଚ୍‌ଆଇଭି ସହ ତୁଳନା କରିଥିଲେ। ଏନେଇ ସଙ୍ଗଠନ ପକ୍ଷରୁ ଏକ ଦାବିପତ୍ର ଆରକ୍ଷୀ ଅଧୀକ୍ଷକଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ବିନୋଦ କୁମାର ନାୟକ, ଗୌର ଚନ୍ଦ୍ର ସାହୁ, ଗୋପୀରଞ୍ଜନ ଦତ୍ତ, ବିଭୁ ଚନ୍ଦ୍ର ନାୟକ, କିରନ କୁମାର ଦାସ, ଭାସ୍କର ଚନ୍ଦ୍ର ରଥ, ସତ୍ୟାନନ୍ଦ ଦାସ, ଡକ୍ଟର ଅନ୍ତର୍ଯ୍ୟାମୀ ପଣ୍ଡା, ରାଜକିଶୋର ପ୍ରମାଣିକ, ବାସୁଦେବ ସ୍ୱାଇଁ, ପ୍ରଦୀପ କୁମାର ସାହୁ, ଅନିରୁଦ୍ଧ ସେନାପତି, କର୍ନେଲ କ୍ଷେତ୍ରମୋହନ ମହାପାତ୍ର, ଭାସ୍କର ଚନ୍ଦ୍ର ମିଶ୍ର, ପୁରଜିତ ମୁନି ଓ ରଜନୀକାନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି ପ୍ରଶିକ୍ଷଣ

ଭଣ୍ଡାରିପୋଖରୀ, ୧୫।୯(ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ କୃଷି ବିଭାଗ ସଭାଗୃହ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପ ବିଭାଗ ଅଧିକାରୀ ଫିରଦୋଶ ଆଲାମଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ବିଡିଓ ଦେବଦତ୍ତ ଦାଶ, ତହସିଲଦାର ସରୋଜକାନ୍ତ ନାୟକ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରିଣୀ ନିର୍ଝରଣୀ ରାଉତ, ବ୍ଲକ କୃଷି ଅଧିକାରିଣୀ ସୁଦିପ୍ତା ପଣ୍ଡା, ଉଦ୍ୟାନ କୃଷି ଅଧିକାରିଣୀ ଶୁଭଦର୍ଶିନୀ ରଥ, ମତ୍ସ୍ୟ ବିଭାଗ ଅଧିକାରିଣୀ ଉପାସନା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ୩ ବାତ୍ୟା ଆଶ୍ରୟସ୍ଥଳୀ କର୍ମକର୍ତ୍ତା ଓ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିମାନେ ବୈଠକରେ ଯୋଗ ଦେଇଥିଲେ। ଓସଡମା ଜିଲା ପ୍ରକଳ୍ପ ପରିଚାଳକ ଅମ୍ଳାନ ସେନାପତି ଏଥିରେ ଯୋଗଦେଇ ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି ନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ଯଶୀପୁର ବଜାରରୁ ଶତାଧିକ ଦୋକାନ ହଟାଇଲା ପ୍ରଶାସନ

**ବାଂଶଡ଼ା-ଦିଗଛିଆ ରାସ୍ତା ସମ୍ପ୍ରସାରଣ**

ଚାନ୍ଦବାଲି, ୧୫।୯(କିଶାନ ପାତ୍ର)


ଯଶୀପୁର ବଜାରରେ ଉଚ୍ଛେଦ ବେଳେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ବାଂଶଡ଼ା-ଦିଗଛିଆ ରାସ୍ତା ସମ୍ପ୍ରସାରଣ ପାଇଁ ଶୁକ୍ରବାର ଯଶୀପୁରରେ ଶତାଧିକ ଦୋକାନୀଙ୍କୁ ସରକାରୀ ଜମିରୁ ହଟାଇଛି ପ୍ରଶାସନ। ଏହି ସମ୍ପ୍ରସାରଣ ପାଇଁ ବହୁ ଦିନ ହେଲା ଅଞ୍ଚଳବାସୀ ଦାବି କରିବା ସହ ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗ ଭଦ୍ରକ ଜିଲାପାଳଙ୍କ ନିକଟରେ ଦାବି ରଖିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୂତାରଙ୍କ ଉପସ୍ଥିତିରେ ଯଶୀପୁର ବଜାରରେ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଛି। ଫଳରେ ଶତାଧିକ ବ୍ୟବସାୟୀଙ୍କ ବ୍ୟବସାୟ ବନ୍ଦ ହୋଇଛି। ଯଶୀପୁର ପଞ୍ଚାୟତ ପକ୍ଷରୁ ଉକ୍ତ ସ୍ଥାନରେ ଶୀଘ୍ର ମାର୍କେଟ ବିଲ୍ଡିଂ କରାଯିବାକୁ ବ୍ୟବସାୟୀମାନେ ଦାବି ରଖିଛନ୍ତି।

ଯଶୀପୁର ଆର୍‌ଆଇ ସମସ୍ତ ଜବରଦଖଲକାରୀଙ୍କୁ କ ଏବଂ ଖ ଫର୍ମ ପ୍ରଦାନ କରିବା ସହ ପ୍ରଚାର ଏବଂ ପ୍ରସାର ମାଧ୍ୟମରେ ସେମାନଙ୍କୁ ସରକାରୀ ଜମିରୁ ହଟିଯିବା ପାଇଁ ମଧ ଜଣାଇଥିଲେ। ଏହି ବଜାରଠାରୁ ମାତ୍ର କିଛି ଦୂରରେ ଥିବା ଦୁଗ୍ଧ ସଂଗ୍ରହ ଗୃହକୁ ସରକାରୀ ଜମିରୁ ହଟାଇବାକୁ ଅଞ୍ଚଳବାସୀ ଦାବି ଜଣାଇଥିଲେ। ମାତ୍ର ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କୁ ସରକାରୀ ଜମିରୁ ହଟାଇବା ପାଇଁ କୌଣସି ନୋଟିସ ଜାରି ହୋଇ ନ ଥିବାରୁ ତାଙ୍କୁ ହଟାଯାଇ ପାରି ନ ଥିଲା। ଏହି ଘଟଣାକୁ କେନ୍ଦ୍ରକରି ପ୍ରଶାସନ ଏବଂ ବ୍ୟବସାୟୀ ଗୋଷ୍ଠୀ ମୁହାଁମୁହିଁ ହେବା ସହ ଉତବାତ ମଧ ହୋଇଥିଲା। ଖୁବ୍‌ଶୀଘ୍ର ଉକ୍ତ ଦୁଗ୍ଧ ସଂଗ୍ରହ ଗୃହକୁ ହଟାଯିବା ସହ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କୁ ସରକାରୀ ଜମିରୁ ହଟାଯିବ ବୋଲି ତହସିଲଦାର ବ୍ୟବସାୟୀ ଗୋଷ୍ଠୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଆଗାମୀ ଦିନରେ ୧୦ କି.ମି. ଦୈର୍ଘ୍ୟ ବିଶିଷ୍ଟ ବାଂଶଡ଼ା-ଦିଗଛିଆ ରାସ୍ତାର କାର୍ଯ୍ୟ ଦ୍ରୁତ ଗତିରେ ଚାଲିବ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୂତାର, ଅତିରିକ୍ତ ତହସିଲଦାର ଦୀପ୍ତିରଞ୍ଜନ ଜେନା, ଦାଶରଥି ଦାସ, ଯଶୀପୁର ଆର୍‌ଆଇ ଶ୍ରଦ୍ଧାଞ୍ଜଳି ବଳ, ବାଂଶଡ଼ା ଥାନାଧିକାରୀ ଦେବରାଜ ଜେନା, ଏସ୍‌ଡିପିଓ ଦେବୀ ଶଙ୍କର ପ୍ରତାପ, ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗର ସହକାରୀ ଯନ୍ତ୍ରୀ ଚରଣ ସିଂ, ସୁରେଶ ସାହୁ, ବାଂଶଡ଼ା ରାଜସ୍ୱ ନିରୀକ୍ଷକ ଗୌତମ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ୧ ପ୍ଲାଟୁନ ସୁରକ୍ଷାକର୍ମୀ ମୁତୟନ ଥିଲେ।

## ଗଞ୍ଜେଇ ବେପାରୀ ଗିରଫ

**ବେତନଟୀ,(ଧରଣୀଧର ମହାନ୍ତି):** ବେତନଟୀ ଅବକାରୀ ଥାନା ଅଧୀନ ଅଁଳା ଗ୍ରାମରେ ଶୁକ୍ରବାର ସକାଳେ ସଦର ମୋବାଇଲ ୟୁନିଟ-୧ ଟିମ୍ ଚଢ଼ାଉ କରି ୧୨୦୦ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଗଞ୍ଜେଇ ବ୍ୟବସାୟୀ ଜଣକ ହେଲେ ପ୍ରତାପ ଚନ୍ଦ୍ର ମହାନ୍ତ। ଏନେଇ ଥାନାରେ ଏକ ମାମଲା ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ଧାରଣାରେ ଶିକ୍ଷକ, ପାଠପଢ଼ା ଠପ୍

## ଦାବି ପୂରଣ ହେବା ପର୍ଯ୍ୟନ୍ତ ଆନ୍ଦୋଳନ

**ଚମ୍ପୁଆ(ମହେଶ୍ୱର ଦାସ)/ପାଟଣା(ବୀର କିଶୋର ଦାଶ)ଯୋଡ଼ା (ମାନସ ମହାନ୍ତି),୧୫।୯**



ଧାରଣାରତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

ପ୍ରାଥମିକ ଶିକ୍ଷକମାନେ ୩ ଦଫା ଦାବି ନେଇ ବାରମ୍ବାର ସରକାରଙ୍କୁ ଅନୁରୋଧ କରି ବିଫଳ ହେବା ପରେ ସମୂହ ଛୁଟି ନେଇ ଧାରଣାରେ ବସିଛନ୍ତି। ଶୁକ୍ରବାର ରାଜ୍ୟ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଆହ୍ୱାନ କ୍ରମେ ସମଗ୍ର ରାଜ୍ୟର ପ୍ରାଥମିକ ଶିକ୍ଷକମାନେ ବିଦ୍ୟାଳୟରେ ସମସ୍ତ କାର୍ଯ୍ୟକ୍ରମ ବନ୍ଦ କରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଫଳରେ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷୟିତ୍ରୀ ଅନୁପସ୍ଥିତ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଠପ୍ ହୋଇଯାଇଛି।ମଧ୍ୟାହ୍ନ ଭୋଜନ କ୍ଷେତ୍ରରେ ଘୋର ଅବ୍ୟବସ୍ଥା ପରିଲକ୍ଷିତ ହୋଇଛି।

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍‌ର ୮୯ ବିଦ୍ୟାଳୟରେ ଶିକ୍ଷାଦାନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଚମ୍ପୁଆ ବ୍ଲକ୍‌ର ୩୫୧ ଜଣ ପ୍ରାଥମିକ ଶିକ୍ଷୟିତ୍ରୀ, ଶିକ୍ଷକ ଧାରଣାରେ ବସିଛନ୍ତି। କନିଷ୍ଠ ଶିକ୍ଷକଙ୍କୁ ନିୟମିତ ଶିକ୍ଷକର ମାନ୍ୟତା, ୬ ବର୍ଷର ଶିକ୍ଷା ସହାୟକ ସମୟକୁ ମୂଳ ଚାକିରିରେ ଗଣନା, ଗ୍ରେଡ୍‌ପେ ବୃଦ୍ଧି କରି କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ପୁରୁଣା ପେନ୍‌ସନ୍ ଲାଗୁ, ଏକ୍ସ କ୍ୟାଡର ଭୁକ୍ତ ଶିକ୍ଷକଙ୍କୁ କ୍ୟାଡର ଭୁକ୍ତ କରିବା, କଳା, କ୍ରୀଡ଼ା ଶିକ୍ଷକଙ୍କୁ ନିୟମିତ ଶିକ୍ଷକର ମାନ୍ୟତା ଦାବି ରହିଛି। ବ୍ଲକ୍‌ର ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷୟିତ୍ରୀ, ଶିକ୍ଷକ ତଥା କଳା, କ୍ରୀଡ଼ା ଶିକ୍ଷକ ଏବଂ ଏକ୍ସ କ୍ୟାଡ୍‌ର ଭୁକ୍ତ ଶିକ୍ଷକ ଆନ୍ଦୋଳନରେ ଯୋଗ ଦେଇଛନ୍ତି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦେବବ୍ରତ ରାଉତ, କାର୍ଯ୍ୟକାରୀ ସମ୍ପାଦକ ଦଶରଥ ମହାନ୍ତ ଏବଂ ଶିକ୍ଷକ ସଂଗଠନର ଅନ୍ୟାନ୍ୟ ସଦସ୍ୟଙ୍କ ତତ୍ତ୍ୱାବଧାନରେ ବ୍ଲକ୍‌ର ୩୫୧ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ବ୍ଲକ୍‌ରେ ବିଏଡି ଏବଂ ଅବସର ନେବାକୁ ଯାଉଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନେ ଆନ୍ଦୋଳନରେ ସାମିଲ ହୋଇନଥିବା ଜଣାପଡ଼ିଛି।

ପାଟଣା ବ୍ଲକ୍‌ର ୧୬୮ ଏଲିମେଣ୍ଟାରୀ ସ୍କୁଲର କାର୍ଯ୍ୟରତ ୪୫୮ ପ୍ରାଥମିକ ଶିକ୍ଷୟିତ୍ରୀ, ଶିକ୍ଷକ ପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣାରେ ବସିଛନ୍ତି। ଫଳରେ ବ୍ଲକ୍‌ର ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି। ସରକାରଙ୍କ ଚେତାବନୀ ପରେ ୭୧ ଠିକା ଶିକ୍ଷକ ସ୍କୁଲ୍‌କୁ ଫେରି ଯାଇଥିଲେ। ଶିକ୍ଷକମାନେ ରୋଟେସନ କରି ଛୁଟି ନେଇ ଧାରଣାଦେବେ ବୋଲି ସଂଘ ପକ୍ଷରୁ ଶିକ୍ଷକ ନେତା ବୀର ମୋହନ ଦ୍ୱିବେଦୀ କହିଛନ୍ତି। ପାଟଣା ବିଇଓ ପୂର୍ଣ୍ଣଚନ୍ଦ୍ର ଅମାନ୍ତ କହିଛନ୍ତି, କୌଣସି ସ୍କୁଲ ବନ୍ଦ ହୋଇନାହିଁ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ବ୍ଲକ୍ ସଭାପତି ବିଜନ ପରିଡ଼ାଙ୍କ ନେତୃତ୍ୱରେ ସମ୍ପାଦକ କମଳାକାନ୍ତ ପତି, ଜିଲା ପରିଷଦ ଶିକ୍ଷକ ସଂଘ ସଭାପତି ପ୍ରମୋଦ ମହାନ୍ତ, ସମ୍ପାଦକ ବୀର ମୋହନ ଦ୍ୱିବେଦୀ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

ଯୋଡ଼ା ବ୍ଲକ୍‌ର ସବୁ ବର୍ଗର ଶିକ୍ଷୟିତ୍ରୀ ଶିକ୍ଷକମାନେ ସାମୁହିକ ଛୁଟି ନେଇ ବିଦ୍ୟାଳୟ ବନ୍ଦ କରି ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ଦାବିକୁ ସରକାର ତୁରନ୍ତ ପୂରଣ ନ କଲେ ଏ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଶିକ୍ଷକ ନେତା ଧ୍ରୁବ ଚରଣ ପାତ୍ର, ପ୍ରତିମା ତ୍ରିପାଠୀ, ବସନ୍ତ ପୃଷ୍ଟି, ଧନୁର୍ଜୟ ମୁଣ୍ଡା ପ୍ରମୁଖ ଗଣମାଧ୍ୟମକୁ ଜଣାଇଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

ପାଟଣା,୧୫।୯(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଗୁଲୁଦୀପଶି ଗ୍ରାମ ଦହିବାହାଲୀ ସାହିରେ ସାପ କାମୁଡ଼ାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ସାହିର ମଙ୍ଗୁଲୁ ରାମ ନାଏକ(୩୫)। ସେ ଶୁକ୍ରବାର ବିଲ କାମ ସାରି ହିଡରେ ବସିଥିବା ସମୟରେ ସାପ କାମୁଡ଼ି ଥିଲା। ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪୦ /୨୩)ରେ ରୁଜୁ ହୋଇଥିବା ପୋଲିସ କହିଛି।

### ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ, ବଡ଼ପୁଅ ଅଟକ

ସୋର, ୧୫।୯(ଜନ୍ମେଜୟ ମିଶ୍ର)–ସୋର ବ୍ଲକ ସରସଙ୍ଗ ପଞ୍ଚାୟତ ହାତୀଗଡିଆ ଗ୍ରାମରେ ଜଣେ ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସୋର ପୋଲିସ ପହଞ୍ଚି ବଡ଼ ପୁଅଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଗ୍ରାମର ରମେଶ ହାଁସଦା(୫୬)ଙ୍କ ସହିତ ତାଙ୍କ ବଡ଼ପୁଅ ବାପୁନୁ ହାଁସଦାଙ୍କର କୌଣସି କାରଣରୁ ଗୁରବାର ଝଗଡା ହୋଇଥିଲା। ରାତିରେ ବାପ ପୁଅ ସାଥୀ ହୋଇ ଶୋଇଥିଲେ। ସକାଳେ ରମେଶ ଉଠିବା ପରେ ପାଣି ମାଗି ପିଇଥିଲେ। ପରେ ଆଉ ଉଠି ନ ଥିଲେ। ଫଳରେ ଅପରାହ୍ନରେ ପରିବାର ଲୋକେ ସୋର ଥାନାକୁ ଖବର ଦେଇଥିଲେ। ଖବରପାଇ ସୋର ପୋଲିସ ପହଞ୍ଚି ରମେଶଙ୍କର ମୃତ୍ୟୁ ହୋଇଥିବା ଦେଖିବାକୁ ପାଇଥିଲେ। ପୋଲିସ ରମେଶଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ବାପୁନୁଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।

### ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ବୈଠକ

ବନ୍ତ,୧୫।୯(ହରିନାରାୟଣ ମହାନ୍ତି)– ଭଦ୍ରକ ଜିଲା ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ବ୍ଲକସ୍ତରୀୟ ଯୋଜନା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯିବା ସହ ଜନପ୍ରତିନିଧିମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ଏବିଡିଓ ନିଶିକାନ୍ତ ଖୁଣ୍ଟିଆ, ସେକ୍ସନ ଅଫିସର ଅନୱାର ହୋସେନ ଖାନ୍, ଭାରପ୍ରାପ୍ତ ଜିପିଇଓ ନିଶାକର ଖୁଣ୍ଟିଆ, ବ୍ଲକ କୃଷି ଅଧିକାରୀ ଅନିରୁଦ୍ଧ ବେହେରା ଯୋଗ ଦେଇଥିଲେ। ୨୫ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କ ସମେତ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ସନାତନ ଧର୍ମ ବିରୋଧୀ କାର୍ଯ୍ୟକଳାପକୁ ବିରୋଧ

ବାଲେଶ୍ୱର, ୧୫।୯(ମାନସ ବିଶ୍ୱାଳ)– ସନାତମ ଧର୍ମ ବିରୋଧରେ ମନ୍ତବ୍ୟ ଦେଇ ବିବାଦଘେରକୁ ପଶିଯାଇଥିବା ତାମିଲନାଡୁର ମନ୍ତ୍ରୀ ଉଦୟନିଧି ଷ୍ଟାଲିନଙ୍କୁ ସମ୍ପ୍ରତି ଦେଶବ୍ୟାପୀ ବିରୋଧ କରାଯାଉଛି। ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନ ପକ୍ଷରୁ ବାଲେଶ୍ୱର ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଷ୍ଟାଲିନ ଏକ ଖବରଦାତା ସମ୍ମିଳନୀରେ ଡେଙ୍ଗୁ, ମ୍ୟାଲେରିଆ, କରୋନା ଭାଇରସ ଭଳି ସନାତନ ଧର୍ମକୁ ମୂଳପୋଛ କରାଯିବା ଆବଶ୍ୟକ ବୋଲି ମନ୍ତବ୍ୟ ଦେଇଥିଲେ। ପରେ ତାଙ୍କ ପିତା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ ପୁତ୍ରର ଏହି ମନ୍ତବ୍ୟକୁ ସମର୍ଥନ ଜଣାଇଥିବା ବେଳେ ଡିଏମ୍‌କେର ଅନ୍ୟତମ ନେତା ଏ ରାଜା ମଧ ଉଦୟନିଧି ଷ୍ଟାଲିନଙ୍କୁ ସମର୍ଥନ ଜଣାଇ ସନାତନ ଧର୍ମକୁ କୁଷ୍ଠ ଓ ଏଚ୍‌ଆଇଭି ସହ ତୁଳନା କରିଥିଲେ। ଏନେଇ ସଙ୍ଗଠନ ପକ୍ଷରୁ ଏକ ଦାବିପତ୍ର ଆରକ୍ଷୀ ଅଧୀକ୍ଷକଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ବିନୋଦ କୁମାର ନାୟକ, ଗୌର ଚନ୍ଦ୍ର ସାହୁ, ଗୋପୀରଞ୍ଜନ ଦତ୍ତ, ବିଭୁ ଚନ୍ଦ୍ର ନାୟକ, କିରନ କୁମାର ଦାସ, ଭାସ୍କର ଚନ୍ଦ୍ର ରଥ, ସତ୍ୟାନନ୍ଦ ଦାସ, ଡକ୍ଟର ଅନ୍ତର୍ଯ୍ୟାମୀ ପଣ୍ଡା, ରାଜକିଶୋର ପ୍ରମାଣିକ, ବାସୁଦେବ ସ୍ୱାଇଁ, ପ୍ରଦୀପ କୁମାର ସାହୁ, ଅନିରୁଦ୍ଧ ସେନାପତି, କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର, ଭାସ୍କର ଚନ୍ଦ୍ର ମିଶ୍ର, ପୁରଜିତ ମୁନି ଓ ରଜନୀକାନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୬୧ ସ୍କୁଲରେ ଶିକ୍ଷାଦାନ ପ୍ରଭାବିତ

**ଖଇରା(ଉତ୍କଳବନ୍ଧୁ ପଣ୍ଡା)/ସିମୁଳିଆ((ସନ୍ତୋଷ ନାୟକ), ୧୫।୯**

ସମଗ୍ର ରାଜ୍ୟରେ ପ୍ରାଥମିକ ଶିକ୍ଷକ ମାନେ ୩ଦଫା ଦାବୀରେ ସମୂହ ଛୁଟି ନେଇ ଗୁରୁବାରଠାରୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ବାଲେଶ୍ୱର ଜିଲା ଖଇରା ବ୍ଲକରେ ୧୩୫ରୁ ଉର୍ଦ୍ଧ ସ୍କୁଲରେ ଶିକ୍ଷାଦାନ ପ୍ରଭାବିତ ହୋଇଥିବା ବେଳେ ସିମୁଳିଆ ବ୍ଲକ ୨୬ ବିଦ୍ୟାଳୟରେ ତାଲା ଝୁଲୁଛି। ଖଇରାରେ ଶିକ୍ଷକ ନେତା କୈଳାସ ଚନ୍ଦ୍ର ବେହେରା, ଚିତ୍ତରଞ୍ଜନ ମହାପାତ୍ର, ବିକ୍ରମ ବେହେରା, ରବିନାରାୟଣ ମହାରଣା, ଜ୍ଞାନେନ୍ଦ୍ର ଜେନା, ଜନାର୍ଦ୍ଦନ ସାମଲ, ମହେନ୍ଦ୍ର ବରିସାଲ, ସୁଶାନ୍ତ କୁମାର ମହାପାତ୍ର, ଉଦୟ କୁମାର ପାତ୍ର ଓ ରଞ୍ଜନ କୁମାର ମହଲା ପ୍ରମୁଖ ଧାରଣାର ନେତୃତ୍ୱ ନେଉଛନ୍ତି । ସେହିପରି ସିମୁଳିଆ ବ୍ଲକର ବିଭିନ୍ନ ଶିକ୍ଷକ ସଂଘର ୩ଶହରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ଏଥିରେ ସାମିଲ ହୋଇଛନ୍ତି। ଶିକ୍ଷକମାନଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବିଦ୍ୟାଳୟରେ ତାଲା ଝୁଲିବ ବୋଲି ଶିକ୍ଷକ ସଂଘର ସଭାପତି ଶିକ୍ଷକ ରବୀନ୍ଦ୍ର କୁମାର ସାହୁ ଓ ସମ୍ପାଦକ ବୀରେନ୍ଦ୍ର କୁମାର ଶତ୍‌ପଥୀ ସୂଚନା ଦେଇଛନ୍ତି।

# ତେଜିଲା ଶିକ୍ଷକଙ୍କ ଆନ୍ଦୋଳନ



ବାସୁଦେବପୁର ବିଇଓଙ୍କ କାର୍ଯ୍ୟାଳୟ ଆଗରେ ପ୍ରାଥମିକ ଶିକ୍ଷକମାନେ ଧାରଣାରେ ବସିଛନ୍ତି।

**ବାସୁଦେବପୁର/ତିହିଡ଼ି/ଚାନ୍ଦବାଲି, ୧୫।୯(ନାରାୟଣ ପ୍ରସାଦ ବାରିକ୍ /ସଞ୍ଜିତ ବଳ/ କିଶାନ ପାତ୍ର)**

ନିଖିଳ ଉତ୍କଳ ଶିକ୍ଷକ ସଂଘର ଆହ୍ୱାନକ୍ରମେ ପ୍ରାଥମିକ ଶିକ୍ଷକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ତେଜିବାରେ ଲାଗିଛି। ଏହି ଆନ୍ଦୋଳନ ଶୁକ୍ରବାର ୮ମ ଦିନରେ ପହଞ୍ଚିଛି। ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ୨୧୬ ବିଦ୍ୟାଳୟର ଶିକ୍ଷକ ବିଇଓଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିଛନ୍ତି। ଶିକ୍ଷକମାନେ ସମୂହ ଛୁଟି ନେଇ ଆନ୍ଦୋଳନରେ ସାମିଲ ହୋଇଥିବାରୁ ୮୯ ବିଦ୍ୟାଳୟରେ ତାଲା ଝୁଲୁଛି। ଏ ସମ୍ପର୍କରେ ବିଇଓ ଜଗବନ୍ଧୁ ସାହୁଙ୍କୁ ପଚାରିବାରୁ ୮୯ ବିଦ୍ୟାଳୟରେ ତାଲା ଝୁଲୁଥିବା କଥା ସ୍ୱୀକାର କରିବା ସହ ୯୪୨ରୁ ଉର୍ଦ୍ଧ୍ୱ ଶିକ୍ଷକ ଆନ୍ଦୋଳନରେ ସାମିଲ ହୋଇଥିବାରୁ ଏଭଳି ସ୍ଥିତି ଉପୁଜିଛି ବୋଲି କହିଛନ୍ତି। ଜିଲା କଂଗ୍ରେସ ସଭାପତି ଅଶୋକ ଦାସ, ଭାଜପାର ବରିଷ୍ଠ ନେତା ଅଶୋକ ସାହୁ, ଜିଲା ଉପସଭାପତି ଉଦୟ ନାରାୟଣ ମଲିକ ପ୍ରମୁଖ ଆନ୍ଦୋଳନରତ ଶିକ୍ଷକଙ୍କ ପାଖରେ ପହଞ୍ଚି ରାଜ୍ୟ ସରକାର ତୁରନ୍ତ ଦାବି ପୂରଣ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

### ତିହିଡ଼ିରେ ସମର୍ଥନ ଜଣାଇଲା କଂଗ୍ରେସ

ତିହିଡ଼ି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଚାଲିଥିବା ଶିକ୍ଷକମାନଙ୍କ ଧାରଣାସ୍ଥଳରେ ବାସୁଦେବପୁରର ବରିଷ୍ଠ ନେତା ଅଶୋକ ଦାସଙ୍କ ସମେତ କଂଗ୍ରେସର ନେତୃବୃନ୍ଦ ଶୁକ୍ରବାର ପହଞ୍ଚିଥିଲେ। ଆନ୍ଦୋଳନକୁ ସମର୍ଥନ ଜଣାଇ ଶିକ୍ଷକ ନେତା ମାୟାଧର ସାହୁ, ରମାକାନ୍ତ ଦାସ, ସନ୍ତୋଷ ପାଣିଗ୍ରାହୀ, ମନ୍ମଥ ଦାସ, ଗିରିଧାରୀ ଚାନ୍ଦ ପ୍ରମୁଖଙ୍କ ସହ କଂଗ୍ରେସ ନେତା ଦାସ ଆଲୋଚନା କରିଥିଲେ। ବ୍ଲକ କଂଗ୍ରେସ ସଭାପତି ସରୋଜ ଦାସ, ଯୁବ କଂଗ୍ରେସ ସଭାପତି ଶ୍ରଦ୍ଧାପ୍ରକାଶ ନାୟକ, ସଂଯୋଜକ ବିପିନ ବିହାରୀ ପତି ପ୍ରମୁଖ ଉପସ୍ଥିତ ଥିଲେ। ଚାନ୍ଦବାଲି ବ୍ଲକରେ ପ୍ରାୟ ୮ଶହ ଶିକ୍ଷୟିତ୍ରୀ ଶିକ୍ଷକ ଧାରଣାରେ ସାମିଲ ହୋଇଛନ୍ତି। ବିଭାଗୀୟ ପଦାଧିକାରୀ ଶିକ୍ଷକମାନଙ୍କର ମୌଳିକ ସମସ୍ୟାକୁ ବେଖାତିର କରି ବେଫିକର ଭାବେ କାର୍ଯ୍ୟ କରୁଛନ୍ତି ବୋଲି ଶିକ୍ଷାବିତ୍ ପ୍ରଫୁଲ୍ଲ ଦାସ ଏକ ପ୍ରେସ୍ ବିବୃତିରେ କହିଛନ୍ତି।

# 'ସେକ୍ସପିଅରିୟାନ ଟ୍ରାଜେଡି' ଶୀର୍ଷକ ଆଲୋଚନାଚକ୍ର




ବିଭିନ୍ନ ଅତିଥିଙ୍କ ଗହଣରେ ବିକାଶ କୁମାର ମହାପାତ୍ର ସୂଚନା ପ୍ରଦାନ କରୁଛନ୍ତି ।

**ସିମୁଳିଆ, ୧୫।୯(ସନ୍ତୋଷ ନାୟକ)**

ସିମୁଳିଆ ମହାବିଦ୍ୟାଳୟର ଇଂଲିଶ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ବୁଧବାର 'ସେକ୍ସପିଅରିୟାନ ଟ୍ରାଜେଡି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଇଂଲିଶ ଭାଷା ସାହିତ୍ୟର ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ଅଜିତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ରୂପେ ଆଗରପଡା କଲେଜ ଇଂରାଜୀ ବିଭାଗୀୟ ମୁଖ୍ୟ ଅଧ୍ୟାପକ ବିକାଶ କୁମାର ମହାପାତ୍ର ଯୋଗଦେଇ ଆନୁଷ୍ଠାନିକ ରୂପେ ଉତ୍ସବର ଉଦ୍‌ଘାଟନ କରିବା ସହିତ ସେକ୍ସପିଅରଙ୍କ ବିଭିନ୍ନ ୪ଟି ଦୁଃଖାତ୍ମକ ରଚନା ହାମଲେଟ, କିଙ୍ଗଲିୟର, ଅଥେଲୋ ଓ ମ୍ୟାକ୍‌ବେଥ୍ ଉପରେ ଗବେଷଣାତ୍ମକ ଅଭିଭାଷଣ ରଖିଥିଲେ। ସମ୍ମାନନୀୟ ଅତିଥି ରୂପେ ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ତଥା ବରିଷ୍ଠ ଖବରଦାତା, ବିଶିଷ୍ଟ କବି ଭରତ ଚନ୍ଦ୍ର ଦାଶ ଯୋଗଦେଇ ସମଗ୍ର ବିଶ୍ୱ ସାହିତ୍ୟରେ ଦୁଃଖ ଓ ବିରହରେ ସଫଳ ଓ ସାର୍ଥକ ସୃଷ୍ଟି ହୋଇଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ. ରଞ୍ଜନ କୁମାର ମୁଦୁଲି, ଡ. ଲଲାଟେନ୍ଦୁ ମିଶ୍ର, ଅଧ୍ୟାପକ ନାରାୟଣ ଚନ୍ଦ୍ର ଦାସ, ଦୀନବନ୍ଧୁ ମହାପାତ୍ର ପ୍ରମୁଖ ଥିଲେ। ଅଧ୍ୟାପକ ରମାକାନ୍ତ ତ୍ରିପାଠୀ ଆଲୋଚନାଚକ୍ର ପରିଚାଳନା କରିଥିଲେ । ଛାତ୍ରୀ ବିଷ୍ଣୁପ୍ରିୟା ସାହୁ, ହର୍ଷିତା ପ୍ରିୟଦର୍ଶନୀ ସାହୁ, ସସ୍ମିତା ଟୁଡୁ ଓ ସୁମିତ୍ରା ସରେନ ଭିତ୍ତିପ୍ରବନ୍ଧ ପାଠ କରିଥିଲେ । ଅଧ୍ୟାପକ ପ୍ରଶାନ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ପୋଷ୍ୟ ସନ୍ତାନ ଗ୍ରହଣ ଆଇନ କର୍ମଶାଳା

ଭଦ୍ରକ, ୧୫।୯(ସନାତନ ରାଉତ/ରବିନାରାୟଣ ଖିଲାର)– ଭଦ୍ରକ ଜିଲା ସଂସ୍କୃତି ଭବନରେ ପୋଷ୍ୟ ସନ୍ତାନ ଗ୍ରହଣ ଆଇନ ଓ 'କାରା' ନିୟମାବଳୀ ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ଯୋଗଦେଇ ପୋଷ୍ୟ ସନ୍ତାନ ଏକ ସ୍ନେହ, ବନ୍ଧନର ପ୍ରତୀକ ଏବଂ ପ୍ରତ୍ୟେକ ବ୍ୟକ୍ତି ଠିକ୍ ଉପାୟରେ ପୋଷ୍ୟ ସନ୍ତାନ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରାହୀ, ଡ. ମୁରଲୀଧର ନାୟକ, ଶିଶୁ ମଙ୍ଗଳ କମିଟି ସଦସ୍ୟ ଭାରତୀ ଦାଶ, ଅମର ବାରିକ, ମୌସୁମୀ ମାଇତି, କିଶୋର ନ୍ୟାୟ ପରିଷଦର ସଦସ୍ୟ ବନମାଳୀ ଜେନା, ଲଳିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସୁରକ୍ଷା ଅଧିକାରିଣୀ (ଅଣ-ଆନୁଷ୍ଠାନିକ) ସ୍ୱାଗତିକା ବାରିକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ରାଜ୍ୟ ଶିଶୁ ସୁରକ୍ଷା ସମିତିର ପୋଗ୍ରାମ ମ୍ୟାନେଜର ଶୁଭଦର୍ଶୀ ଦାସ ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ବିଧି, ବ୍ୟବସ୍ଥା, ଆଇନ ଏବଂ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ବଳ ସଂସ୍ଥା (କାରା)ର ନିୟମାବଳୀ ବିଷୟରେ କହିଥିଲେ। ଅନୈତିକ ରୂପେ ପୋଷ୍ୟ ସନ୍ତାନ ଗ୍ରହଣ କଲେ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ବୋଲି ଆଲୋକପାତ କରିଥିଲେ। ଶିଶୁ ବିକାଶ ଅଧିକାରିଣୀ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ପୋଲିସ, ସ୍ୱାସ୍ଥ୍ୟ ବିଭାଗ, ମହିଳା ଗୋଷ୍ଠୀ, ଆଇନଜୀବୀ ଓ ବିଭିନ୍ନ ଶିଶୁ ଅନୁଷ୍ଠାନର କର୍ମକର୍ତ୍ତା କର୍ମଶାଳାରେ ଉପସ୍ଥିତ ଥିଲେ।

# ପାରିବାରିକ କଳହରୁ ଗଲା ସ୍ତ୍ରୀଙ୍କ ଜୀବନ

**ଘସିପୁରା,୧୫।୯(ନିରଞ୍ଜନ ସାହୁ)**

କେନ୍ଦୁଝର ଜିଲା ଘସିପୁରା ଥାନା କୋଳିମାଟି କରଡ଼ାବଣି ଗ୍ରାମରେ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା କଳହରେ ସ୍ତ୍ରୀଙ୍କ ଜୀବନ ଯାଇଛି। କରଡ଼ାବଣି ଗ୍ରାମର ସ୍ୱାମୀ ସନା ମୁଣ୍ଡା ଓ ସ୍ତ୍ରୀ ସୁବୁନୀ ମୁଣ୍ଡାଙ୍କ ମଧ୍ୟରେ ଅଧିକାଂଶ ସମୟରେ ଝଗଡ଼ା ଲାଗିରହିଥାଏ। ଗୁରୁବାର ରାତିରେ ଉଭୟଙ୍କ ମଧ୍ୟରେ ଝଗଡ଼ା ଉଗ୍ରରୂପ ଧାରଣା କରିଥିଲା। ସନା ଏକ ଲୁହା ରଡ୍‌ରେ ସ୍ତ୍ରୀ ସୁବୁନିଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ସୁବୁନିଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ଘସିପୁରା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୩୧୭/୨୩) ରୁଜୁ ହୋଇଛି। ଅଭିଯୁକ୍ତ ସ୍ୱାମୀଙ୍କୁ ଅଟକ ରଖାଯାଇ ପଚରାଉଚୁରା ଜାରି ରହିଥିବା ଥାନା ଅଧିକାରୀ ବିବସ୍ ପ୍ରଧାନ କହିଛନ୍ତି।

# ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟନ କଲେ ମନ୍ତ୍ରୀ

**ଠାକୁରମୁଣ୍ଡା,୧୫।୯(ତାରାକାନ୍ତ ପଟ୍ଟନାୟକ )**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ତାଳପଦା ଗ୍ରାମରେ ପ୍ରଥମେ ଆରମ୍ଭ ହୋଇଥିବା ବିକଶିତ ଆଦର୍ଶ ଅଙ୍ଗନୱାଡି କେନ୍ଦ୍ରକୁ ରାଜ୍ୟ ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆମେରିକାନ ଇଣ୍ଡିଆ ଫାଉଣ୍ଡେଶନର ବରିଷ୍ଠ ପରିଚାଳକ ରାଜ କୋମଲ ଶର୍ମା, ଠାକୁରମୁଣ୍ଡା ବିଡିଓ ପ୍ରବେଶନର ଆଇଏଏସ ଅକ୍ଷୟ ପିଲାଇ, ବିଡିଓ ବାବୁଲ ପେରେଇ, ସିଡିପିଓ ପ୍ରେମାଲତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବିକଶିତ ଆଦର୍ଶ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କ ବସିବା ବ୍ୟବସ୍ଥା, ଅଧ୍ୟୟନ ଟେବୁଲ, ଶିଖିବା ପାଇଁ ଟିଭି, ଫ୍ଲାସ ସିଷ୍ଟମ ବହି, ନିମ୍ନ ଉଚ୍ଚତାରେ ହାତ ଧୋଇବା ବେସିନ, ବିଜୁଳି ପାଇଁ ସୋଲାର ବ୍ୟବସ୍ଥା ଉପଲବ୍ଧ ହୋଇଛି। କେନ୍ଦ୍ରର ଶିଶୁମାନଙ୍କ ପାଇଁ ଗରମ ରନ୍ଧା ପୁଷ୍ଟିକର ଖାଦ୍ୟ ଦିଆଯାଉଛି। ପିଲାମାନଙ୍କ ଜୀବନ ଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ବୋଲି ଅମେରିକାନ ଇଣ୍ଡିଆ ଫାଉଣ୍ଡେଶନ ଟ୍ରଷ୍ଟର ପରିଚାଳକ ଶର୍ମା କହିଛନ୍ତି। ଅମେରିକାନ ଇଣ୍ଡିଆ ଫାଉଣ୍ଡେସନ ଟ୍ରଷ୍ଟ ଓ ମହିଳା ଶିଶୁ ବିକାଶ ବିଭାଗ ସହଯୋଗରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

# ଛାତ୍ର ସଂସଦ ନିର୍ବାଚନ ଦାବି

**ବାରିପଦା,୧୫।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଗଣତାନ୍ତ୍ରିକ ପ୍ରକ୍ରିୟାରେ ଛାତ୍ର ସଂସଦ ନିର୍ବାଚନ ଦାବିରେ ମୟୂରଭଞ୍ଜ ଜିଲା ଏଆଇଡିଏସ୍‌ଓ ପକ୍ଷରୁ ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ଛାତ୍ର ସଂସଦ ନିର୍ବାଚନ ପାଇଁ ତୁରନ୍ତ ବିଜ୍ଞପ୍ତି ପ୍ରକାଶ କରିବାକୁ ଦାବି କରାଯାଇଛି। ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ଶୈକ୍ଷିକ, ସାଂସ୍କୃତିକ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଇବା କ୍ଷେତ୍ରରେ ନେତୃତ୍ୱର ଆବଶ୍ୟକତା ରହିଥାଏ । ଅମଲାତନ୍ତ୍ର ଶାସନ ପାଇଁ ଛାତ୍ର ସଂସଦ ନିର୍ବାଚନକୁ ରୋକାଯାଉଛି ବୋଲି ସଙ୍ଗଠନର ଜିଲା ସମ୍ପାଦକ ଫୁଲଚାନ୍ଦ ଲୋହର, ଯତୀନ ବାନରା, ରଞ୍ଜିତ ସିଂ, ସୁନୀଲ ପୂର୍ତ୍ତି, ଶ୍ରୀରାମ ଦିଗି, ମାଇସା ମାଝୀ, ଅନନ୍ତ ଶେଖର ହେମ୍ବ୍ରମ କହିଛନ୍ତି।




ପ୍ରତିବାଦ ପ୍ରଦର୍ଶନ କରୁଥିବା ଏଆଇଡିଏସ୍‌ଓ କର୍ମକର୍ତ୍ତାମାନେ।

# ରାଷ୍ଟ୍ରର ଭିତିଭୂମି ବିକାଶରେ ଇଞ୍ଜିନିୟରଙ୍କ ଅବଦାନ ଅତୁଳନୀୟ

**ବାଲେଶ୍ୱର, ୧୫।୯ (ମାନସ ବିଶ୍ୱାଳ)**

ବାଲେଶ୍ୱର ଇଞ୍ଜିନିୟର୍ସ ଫୋରମ ପକ୍ଷରୁ ୫୬ତମ ଇଞ୍ଜିନିୟର୍ସ ଦିବସ ତଥା ଫୋରମ୍‌ର ୨୧ତମ ବାର୍ଷିକ ଉତ୍ସବ ତାମୁଲିଆ ଫାଟକ ନିକଟସ୍ଥ ଏକ ଘରୋଇ କଲ୍ୟାଣମଣ୍ଡପ ପରିସରରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ର ନିର୍ମାଣର ପୁରୋଧା ଭାରତରତ୍ନ ସାର୍ ଏମ୍. ବିଶେଶ୍ୱରାୟାଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

ଫୋରମ୍ ସଭାପତି ବିଦ୍ୟୁତ ବିଭାଗର ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ଇଂ. ସୁରେନ୍ଦ୍ର ନାଥ ଦାସ ଅଧ୍ୟକ୍ଷତା କରିଥିଲେ। ଫୋରମ ପକ୍ଷରୁ ସ୍ଥାନୀୟ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପୂର୍ବକ୍ଷେତ୍ର କାର୍ଯ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯନ୍ତ୍ରୀ ରଥାଙ୍ଗଧର ରାଉତ ପ୍ରଥମେ ଏକ ଚାରାରୋପଣ କରି ଶୁଭାରମ୍ଭ କରିଥିଲେ। ପରେ କଲ୍ୟାଣମଣ୍ଡପ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିରକୁ ବାଲେଶ୍ୱର ଚାମ୍ବର ଅଫ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ କମର୍ସର ସଭାପତି ସଞ୍ଜୟ ଦାସ ଉଦ୍‌ଘାଟନ କରିବା ସହିତ ଇଞ୍ଜିନିୟର ଫୋରମର ସଦସ୍ୟମାନଙ୍କ ପ୍ରୟାସ ଅନ୍ୟମାନଙ୍କୁ ପ୍ରେରଣା ଦେବ ବୋଲି କହିଥିଲେ। ସଙ୍ଗଠନର ସହ ସମ୍ପାଦକ ଇଂ. ହୃଷୀକେଶ ସାହୁ ଉପସ୍ଥିତ ରହି ଦିବସବ୍ୟାପୀ ପାଳିତ ହେବାକୁ ଥିବା କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଉପସଭାପତି ଇଂ. ଗୌରାଙ୍ଗ ଚରଣ ସାହୁ ଓ ଇଂ. ଶଶାଙ୍କ ଶେଖର ଦେ, ସମ୍ପାଦକ ଇଂ. ସୁଗୋତ ବୋଷ, ବରିଷ୍ଠ ଉପଦେଷ୍ଟା ଇଂ. ବନମାଳୀ ନାୟକ ଓ ଇଂ. ଧରଣୀଧର ମିଶ୍ର ଯୋଗଦେଇ ରାଷ୍ଟ୍ରର ଭିତିଭୂମି ବିକାଶରେ ଇଞ୍ଜିନିୟରଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଇଂ. ଶ୍ୟାମସୁନ୍ଦର ମିଶ୍ର, ଇଂ. ଅନୀଲ କୁମାର ପଣ୍ଡା, ଇଂ. ସୁକୁମାର ନାୟକ, ଇଂ. ଶ୍ରୀନିବାସ ଦେ, ଇଂ. ନଟବର ପ୍ରଧାନ, ଇଂ. କୁମାର କାର୍ତ୍ତିକ, ଇଂ. ଉମ୍ବରୁଧର ବିଶୋଇ, ଇଂ. ସରୋଜ କୁମାର ଚାନ୍ଦ, ଇଂ. ବିଜୟ କୁମାର ଦାସ ପ୍ରମୁଖ ସଙ୍ଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନା କରିଥିଲେ।




ରକ୍ତଦାନ ଶିବିର।

